୬ ଅଭ୍ୟାସ ମ୍ୟାଚ : ଦ୍ୱିତୀୟ ଦିନ
ଶେଷ ସୁଦ୍ଧା ଭାରତ ୩୫୭/୬



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୯୦ ● ୯ ଅଗଷ୍ଟ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-190 ● 9th August 2026, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ଦ୍ୱିତୀୟ ଦିନ ନିବେଶ ଅଭିଯାନରେ

# ୬୬,୩୯୨ କୋଟିର ପୁଞ୍ଜିନିବେଶ, ୫୪,୧୩୫ ନୂତନ ନିଯୁକ୍ତି ସୁଯୋଗ

ନୂଆଦିଲ୍ଲୀ/ଭୁବନେଶ୍ୱର, ୮।୮
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଦିଲ୍ଲୀରେ ଅନୁଷ୍ଠିତ ଓଡ଼ିଶାର ଦୁଇ ଦିନିଆ ନିବେଶ ଅଭିଯାନ ଶନିବାର ଶିଳ୍ପଜଗତରୁ ବିପୁଳ ସମ୍ଭାବନା ସହିତ ସମାପ୍ତ ହୋଇଛି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶାକୁ ୬୬,୩୯୨ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିବା ସହ ୫୪,୧୩୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।

ଶୁକ୍ରବାର 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬'ର ବ୍ୟାପକ ସଫଳତା ପରେ ଶନିବାର ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ କ୍ଷେତ୍ରର ପ୍ରମୁଖ ନିବେଶକ ଏବଂ ଶିଳ୍ପ ପ୍ରତିନିଧିମାନଙ୍କ ସହିତ ୱାନ୍-ଅନ୍-ୱାନ୍ ବୈଠକ କରିଥିଲେ। ଏହା ସହିତ ମୁଖ୍ୟମନ୍ତ୍ରୀ ନୋଏଡ଼ାସ୍ଥିତ ହାୟର୍ ଉତ୍ପାଦନ କେନ୍ଦ୍ର ମଧ ପରିଦର୍ଶନ କରିଥିଲେ।

ଏହି ଦୁଇ ଦିନିଆ ଶିଳ୍ପ ଅଭିଯାନ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ଏବଂ ପୂର୍ବ ଭାରତର ଦ୍ରୁତ ବିକାଶର ଆଭିମୁଖ୍ୟ ଅନୁଯାୟୀ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ କ୍ରମାଗତ ପ୍ରୟାସର ଏକ ଅଂଶ। ଉତ୍ପାଦନ, ପୁଞ୍ଜିନିବେଶ ଏବଂ ନିଯୁକ୍ତି-ଭିତ୍ତିକ ଅଭିବୃଦ୍ଧି ପାଇଁ ଓଡିଶାକୁ




ଏକ ପ୍ରତିଯୋଗିତାମୂଳକ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠିତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ତା'ର ଉଦ୍ୟମକୁ ତ୍ୱରାନ୍ୱିତ କରୁଛି।

ହାୟର୍ ଉତ୍ପାଦନ କେନ୍ଦ୍ର ପରିଦର୍ଶନ ସମୟରେ ସେ ବରିଷ୍ଠ କମ୍ପାନୀ କର୍ମକର୍ତ୍ତା ଏବଂ ଇଞ୍ଜିନିୟର ମାନଙ୍କ ସହ ଆଲୋଚନା କରିଥିଲେ ଏବଂ କମ୍ପାନୀର ଉତ୍ପାଦନ ପ୍ରକ୍ରିୟା ଏବଂ ବ୍ୟବସ୍ଥାଗୁଡ଼ିକୁ ଅନୁଧ୍ୟାନ କରିଥିଲେ।

ହାୟର୍ କମ୍ପାନୀର ଉନ୍ନତ ଉତ୍ପାଦନ ପଦ୍ଧତିଗୁଡ଼ିକୁ ବୁଝିବା ଏବଂ ବିଶେଷକରି ଇଲେକ୍ଟ୍ରୋନିକ୍ସ, ଗୃହୋପକରଣ, ସପ୍ଲାଏ ଚେନ୍ ଏବଂ ଆନୁଷଙ୍ଗିକ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଉତ୍ପାଦନ ପରିବେଶକୁ ସୁଦୃଢ଼ କରିବା ପାଇଁ ଏବଂ ସମ୍ଭାବ୍ୟ ସୁଯୋଗଗୁଡ଼ିକୁ ବାସ୍ତବତାରେ ପରିଣତ କରିବା ପାଇଁ ଏହି ପରିଦର୍ଶନ ଏକ ସୁଯୋଗ ପ୍ରଦାନ କରିଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, "ଓଡ଼ିଶା ଏପରି ଏକ ଶିଳ୍ପ ବାତାବରଣ ସୃଷ୍ଟି କରୁଛି ଯେଉଁଠାରେ ଶିଳ୍ପଗୁଡ଼ିକର ଅଭିବୃଦ୍ଧି ହୋଇପାରିବ, ନିଯୁକ୍ତି ସୃଷ୍ଟି ହେବ ଏବଂ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ଭାଲ୍ୟୁ-ଆଡିସନ୍ ହୋଇପାରିବ। ଆମର ଲକ୍ଷ୍ୟ କେବଳ ପୁଞ୍ଜିନିବେଶ ଆକର୍ଷିତ କରିବା ନୁହେଁ, ବରଂ ନିଯୁକ୍ତି ସୃଷ୍ଟି କରିବା, ସ୍ଥାନୀୟ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଯୁବକଯୁବତୀଙ୍କ ପାଇଁ ନୂତନ ସୁଯୋଗ ଖୋଲିବା। ଆମେ ଚାହୁଁଛୁ ଯେ ଅଭିବୃଦ୍ଧି ପାଇଁ ନିବେଶକମାନେ ଓଡ଼ିଶାକୁ ଏକ ଦୀର୍ଘକାଳୀନ ପାର୍ଟନର ଭାବରେ ଦେଖନ୍ତୁ।"

ପ୍ରମୁଖ ଉତ୍ପାଦନ କ୍ଷେତ୍ରର ଶିଳ୍ପ ପ୍ରତିନିଧିମାନଙ୍କ ସହ ରାଉଣ୍ଡ ଟେବୁଲ ବୈଠକରେ ମଧ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ।

ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍ ର ସହଯୋଗରେ ଆୟୋଜିତ ଇଞ୍ଜିନିୟରିଂ ସାମଗ୍ରୀ ଉତ୍ପାଦନ ରାଉଣ୍ଡ ଟେବୁଲ ବୈଠକରେ ଓଡ଼ିଶାରେ ଉତ୍ପାଦନ, ଶିଳ୍ପ ଭିତ୍ତିଭୂମି, ଆନୁଷଙ୍ଗିକ ବିକାଶ ଏବଂ ଯୋଗାଣ ଶୃଙ୍ଖଳା ଏକତ୍ରୀକରଣ ନେଇ ଆଲୋଚନା ହୋଇଥିଲା।ନୋଏଡ଼ା ଆପାରେଲ୍ ଏକ୍ସପୋର୍ଟ କ୍ଲଷ୍ଟରର ସହଯୋଗରେ ନୋଏଡ଼ା ଶିଳ୍ପ ପ୍ରତିନିଧିମାନଙ୍କ ସହିତ (ପୃଷ୍ଠା ୭ରେ)

# ହିମାଚଳ ପ୍ରଦେଶରେ ସଡ଼କ ଦୁର୍ଘଟଣା : ୭ ମୃତ

ସିମଲା, ୮।୮

ହିମାଚଳ ପ୍ରଦେଶର ଚାମ୍ବା ଜିଲ୍ଲାରେ ଶନିବାର ସକାଳେ ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୧ ଜଣ ଆହତ ହୋଇଛନ୍ତି। ଚୁରାହ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତିସା ଥାନା ଅନ୍ତର୍ଗତ ବୈରାଗଡ଼ ନିକଟସ୍ଥ ଚାଲୁଞ୍ଚୀ ମୋଡ଼ରେ ଏହି ଦୁର୍ଘଟଣା ଘଟିଛି। ଆହତମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ପଣ୍ଡିତ ଜବାହରଲାଲ ନେହେରୁ ସରକାରୀ ମେଡିକାଲ କଲେଜ ଏବଂ ଚାମ୍ବା ଡାକ୍ତରଖାନାକୁ ପଠାଯାଇଛି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଚିହ୍ନଟ ପାଇଁ ପ୍ରୟାସ କରାଯାଉଛି।

ରାଜ୍ୟ ଜରୁରୀକାଳୀନ ଅପରେସନ ସେଣ୍ଟର ଅନୁଯାୟୀ, ଶନିବାର ସକାଳ ପ୍ରାୟ ୭ଟା ୧୫ ମିନିଟରେ ଏହି ଦୁର୍ଘଟଣା ଘଟିଥିଲା। ଶର୍ମା କୋଚର ଘରୋଇ ବସ୍ ବୈରାଗଡ଼ରୁ ଚାମ୍ବା ଅଭିମୁଖେ ଆସୁଥିଲା। ଏହି ସମୟରେ, ବସ୍ ଚାଲୁଞ୍ଚୀ ମୋଡ଼ ନିକଟରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ବସଟି ରାସ୍ତାରୁ ଓଲଟି ଅନ୍ୟ ଏକ ରାସ୍ତାରେ ପଡିଥିଲା।

ଏହି ଘଟଣା ସମ୍ପର୍କରେ ଖବର ପାଇବା ପରେ ପୋଲିସ ଓ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ଚାମ୍ବା ପୋଲିସ ଅଧୀକ୍ଷକ ବିଜୟ ସକ୍ଲାନି କହିଛନ୍ତି ଯେ ଘଟଣାର ଖବର ପାଇବା ମାତ୍ରେ ପୋଲିସ ଫୋର୍ସକୁ ଘଟଣାସ୍ଥଳକୁ ପଠାଯାଇଥିଲା। ଏକ ପୋଲିସ ଦଳ ଘଟଣା ସ୍ଥଳରେ ପହଞ୍ଚିବା ପରେ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୁର୍ଘଟଣାର କାରଣ ଅନୁସନ୍ଧାନ କରାଯାଉଛି ବୋଲି ସେ କହିଛନ୍ତି।



ରାଜ୍ୟ ଜରୁରୀକାଳୀନ ଅପରେସନ ସେଣ୍ଟର ଅନୁଯାୟୀ, ଏହି ଦୁର୍ଘଟଣାରେ ୧୧ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତମାନଙ୍କ ମଧ୍ୟରୁ ୬ ଜଣଙ୍କୁ ସେମାନଙ୍କ ଅବସ୍ଥା ଦେଖି ପଣ୍ଡିତ ଜବାହରଲାଲ ନେହେରୁ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ୍, ଚାମ୍ବାକୁ ପଠାଯାଇଛି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ସାତ ଜଣଙ୍କୁ ଚିହ୍ନଟ କରାଯାଉଛି।

ରାଜ୍ୟ ଜରୁରୀକାଳୀନ ଅପରେସନ ସେଣ୍ଟର ଅନୁଯାୟୀ, ଜାତୀୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ (ଏନଡିଆରଏଫ), ପୋଲିସ, ହୋମ୍ ଗାର୍ଡ, ଅଗ୍ନିଶମ ବିଭାଗ ଏବଂ ରାଜସ୍ୱ ବିଭାଗର କର୍ମଚାରୀମାନେ ଖୋଜାଖୋଜି ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ଘଟଣାସ୍ଥଳକୁ ଯାଇଛନ୍ତି। ବର୍ତ୍ତମାନ, ଦଳ ଘଟଣା ସ୍ଥଳରେ ପହଞ୍ଚି ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ କରୁଛି। ସେପଟେ ଦୁର୍ଘଟଣାର କାରଣ ଅନୁସନ୍ଧାନ କରୁଛି ପୋଲିସ।

ଚମ୍ବାରେ ଏହି ଦୁର୍ଘଟଣା ଏପରି ଏକ ସମୟରେ ଘଟିଛି ଯେତେବେଳେ ସକ୍ରିୟ ମୌସୁମୀ କାରଣରୁ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ହେଉଛି। ରାଜ୍ୟର ଅନେକ ସ୍ଥାନରେ ବର୍ଷା ଜାରି ରହିଛି (ପୃଷ୍ଠା ୭ରେ)

## ପ୍ରଧାନମନ୍ତ୍ରୀଙ୍କ ଶୋକ

ନୂଆଦିଲ୍ଲୀ, ୮।୮

ହିମାଚଳ ପ୍ରଦେଶର ଚାମ୍ବା ଜିଲ୍ଲାରେ ଶନିବାର ସକାଳେ ଘଟିଥିବା ସଡ଼କ ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ସେ ସମବେଦନା ଜଣାଇବା ସହ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।

ପ୍ରଧାନମନ୍ତ୍ରୀ ଏକ୍ସ ଉପରେ ଲେଖିଛନ୍ତି, 'ହିମାଚଳ ପ୍ରଦେଶର ଚାମ୍ବାରେ ଏକ ଦୁର୍ଘଟଣା ଯୋଗୁଁ ଜୀବନହାନି ଅତ୍ୟନ୍ତ ଦୁଃଖଦାୟକ। ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାର ପ୍ରତି ମୋର ସମବେଦନା! ଆହତମାନେ ଶୀଘ୍ର ସୁସ୍ଥ ହୁଅନ୍ତୁ ।

ସୂଚନାଯୋଗ୍ୟ, ଆଜି ସକାଳ ୭ଟା ୧୫ ମିନିଟରେ ଚାମ୍ବା ଜିଲ୍ଲାରେ ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୧ ଜଣ ଆହତ ହୋଇଛନ୍ତି। ଚୁରାହ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତିସା (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଆସାମ: ବନ୍ୟା ଯୋଗୁଁ ୧୩ଟି ଜିଲ୍ଲାର ଲୋକେ ପ୍ରଭାବିତ, ଆଉ ଗୋଟିଏ ମୃତଦେହ ଉଦ୍ଧାର।
- ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟସଭା ସାଂସଦ ରାଘବ ଚଡ୍ଢା।
- ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିବା ପାଇଁ ଆଜି ରାହୁଲ ଗାନ୍ଧୀଙ୍କ ପ୍ରୟାଗରାଜ ଗସ୍ତ।
- ଆସାମ : ତାମୁଲପୁରରେ ଦୁଇଟି ହାତୀ ଦାନ୍ତ ସହ ଦୁଇ ତସ୍କରଙ୍କୁ ଗିରଫ କଲା ଏସଟିଏଫ।
- ମଣିପୁରରେ ୫ ସନ୍ଦିଗ୍ଧ ଉଗ୍ରବାଦୀ କ୍ୟାଡର ଗିରଫ।
- ଭାରତ-ଏସିଆନ ଭାଗିଦାରୀ ବୃଦ୍ଧି ପାଇବ ଏବଂ ସୁଦୃଢ଼ ହେବ: ମନିଲାରେ ଜୟଶଙ୍କରଙ୍କ ବଡ଼ ବାର୍ତ୍ତା।
- ବେଲୁଚିସ୍ତାନରେ ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ଏକାଧିକ ଆକ୍ରମଣ, ପୋଲିସ ଅଧିକାରୀ ନିହତ।

## ଆଇଆଇଟି ଦିଲ୍ଲୀର ୫୭ତମ ସମାବର୍ତ୍ତନ ସମାରୋହ

# ଦ୍ରୁତ ଗତିରେ ବଦଳୁଥିବା ବିଶ୍ୱରେ ଯେଉଁମାନେ ଶିଖିବେ ସେମାନେ ଜିତିବେ

ନୂଆଦିଲ୍ଲୀ, ୮।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର କହିଛନ୍ତି ଯେ ବିଶ୍ୱ ଏବଂ ପ୍ରଯୁକ୍ତିବିଦ୍ୟା ଦ୍ରୁତ ଗତିରେ ବଦଳୁଛି ଏବଂ ଆଗାମୀ ସମୟରେ ବ୍ୟକ୍ତି ଏବଂ ସମାଜ ହିଁ ଆଗକୁ ବଢ଼ିବେ, ଯେଉଁମାନେ ଶିଖିବାକୁ ନିରନ୍ତର ପ୍ରସ୍ତୁତ ରହିବେ। ନିଜର କୌତୁହଳତାକୁ ଜୀବନ୍ତ ରଖିବା, ପ୍ରଶ୍ନ ପଚାରିବାର ସାହସ ରଖିବା ଏବଂ ନୂତନ ଆହ୍ୱାନର ନୂତନ ସମାଧାନ ଖୋଜିବା ପାଇଁ ସେ ଯୁବକମାନଙ୍କୁ ଆହ୍ୱାନ କରିଥିଲେ।




ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଦିଲ୍ଲୀର ୫୭ତମ ସମାବର୍ତ୍ତନ ସମାରୋହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜି ବିଶ୍ୱର ରଣନୈତିକ (ପୃଷ୍ଠା ୭ରେ)

# ବିପଦ ସଂକେତ ତଳେ ସବୁ ନଦୀ

ଭୁବନେଶ୍ୱର, ୮।୮
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ସମସ୍ତ ନଦୀରେ ଜଳପତନ ବର୍ତ୍ତମାନ ବିପଦ ସଂକେତଠାରୁ ତଳେ ରହିଥିବା ନେଇ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ,କେବଳ ଜଳକା, ଋଷିକୂଲ୍ୟା ଏବଂ ବଂଶଧାରା ନଦୀରେ ଜଳସ୍ତର ବୃଦ୍ଧି ପାଇଛି।

ମନ୍ତ୍ରୀ ଆହୁରି ମଧ କହିଛନ୍ତି, ନଦୀଗୁଡ଼ିକର ଜଳସ୍ତର ଉପରେ ସରକାର ନିରନ୍ତର ନଜର ରଖିଛନ୍ତି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ



ଥିବାବେଳେ ଯେକୌଣସି ଆପାତଃକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଓଡ୍ରାଫ୍, ଏନଡିଆରଏଫ୍ ଓ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରଖାଯାଇଛି।ସେହିପରି ଗ୍ରାଉଣ୍ଡରେ ବିଭାଗୀୟ କର୍ମଚାରୀମାନେ ସକ୍ରିୟ ଭାବେ ନିୟୋଜିତ ଅଛନ୍ତି। ସମ୍ଭାବ୍ୟ କ୍ଷୟକ୍ଷତିର ଆକଳନ ଓ ବଣ୍ଟନ ସମ୍ପର୍କିତ କାର୍ଯ୍ୟରେ ସେମାନେ ନିୟୋଜିତ ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ଜଳସ୍ତର ବୃଦ୍ଧି ହେଉଥିବା ଜଳକା, ଋଷିକୂଲ୍ୟା ଓ ବଂଶଧାରା ନଦୀ ଉପରେ ସ୍ୱତନ୍ତ୍ର ଭାବେ ନଜର ରଖାଯାଉଛି। ପରିସ୍ଥିତି ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଗତ ସପ୍ତାହରେ ଉପରେ ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା।

# ୧୦୦% ଶୁଳ୍କ ବିଲ୍‌କୁ ଆମେରିକା ସିନେଟର ମଞ୍ଜୁରୀ

ୱାଶିଂଟନ, ୮।୮

ଋଷରୁ ତୈଳ ଏବଂ ଗ୍ୟାସ୍ କିଣୁଥିବା ଦେଶଗୁଡ଼ିକ ଉପରେ ଆମେରିକା ଚାପ ବଢ଼ାଇଛି। ଆମେରିକାର ସିନେଟ ୮୬-୧୧ର ବିପୁଳ ସଂଖ୍ୟାଗରିଷ୍ଠତା ଦ୍ୱାରା ୨୦୨୬ ର ଲିଣ୍ଡସେ ଓ ଗ୍ରାହାମ ପ୍ରତିବନ୍ଧ ଋଷିଆ ଏବଂ ଇରାନ ଆଇନକୁ ଅନୁମୋଦନ କରିଛି। ପ୍ରସ୍ତାବିତ ଆଇନ ଭାରତ, ଚୀନ୍, ସ୍ଲୋଭାକିଆ, ହଙ୍ଗେରୀ ଏବଂ ଆଜେରବାଇଜାନରୁ ଆମେରିକା ଆମଦାନୀ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ପାଇଁ ରାସ୍ତା ଖୋଲି ପାରିବ, ଯେଉଁମାନେ ଋଷରୁ ଶକ୍ତି କ୍ରୟ ଜାରି ରଖିଛନ୍ତି। ତଥାପି, ଏହି ଶୁଳ୍କ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ ଏବଂ ଏହି ବିଲ୍ ଆଇନରେ ପରିଣତ ହେବା ପାଇଁ ପରବର୍ତ୍ତୀ ପ୍ରକ୍ରିୟା ଦେଇ ଯିବାକୁ ପଡିବ।

ଏକ ରିପୋର୍ଟ ଅନୁଯାୟୀ, ଏହି ଆଇନର ସମ୍ଭାବ୍ୟ ପ୍ରଭାବ ଥିବା ପ୍ରମୁଖ ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ, କାରଣ ୨୦୨୨ ମସିହାରୁ ଭାରତ ଋଷର ଅଶୋଧିତ ତୈଳର ଏକ ପ୍ରମୁଖ କ୍ରେତା ହୋଇ ରହିଛି। ତେବେ, ସିନେଟରୁ ଏହି ବିଲ୍ (ପୃଷ୍ଠା ୭ରେ)

# ଆଜିଠୁ ଘରେ ଘରେ ତ୍ରିରଙ୍ଗା ଅଭିଯାନ

ଭୁବନେଶ୍ୱର, ୮।୮
ନ୍ୟୁଜ୍ ବ୍ୟୁରୋ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ଆୟୋଜିତ ହେବ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ। ଅଗଷ୍ଟ ୯ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଆୟୋଜିତ ହେବ। ଏହି ଅଭିଯାନରେ ଅନ୍ତର୍ଭୁକ୍ତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ




ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟବ୍ୟାପୀ 'ଘରେ ଘରେ ତ୍ରିରଙ୍ଗା ଅଭିଯାନ' କାର୍ଯ୍ୟକ୍ରମ ଆୟୋଜନ କରାଯିବ। ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ବ୍ଲକ ଓ ପଞ୍ଚାୟତ ସ୍ତର ଯାଏଁ 'ଘରେ ଘରେ ତ୍ରିରଙ୍ଗା ଅଭିଯାନ' ବହୁ ଆଡ଼ମ୍ବର ସହକାରେ ପାଳନ କରାଯିବ। 'ଘରେ ଘରେ ତ୍ରିରଙ୍ଗା ଅଭିଯାନ' କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା (ପୃଷ୍ଠା ୭ରେ)

## ୧୨ରେ ସୂର୍ଯ୍ୟପରାଗ : ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ପ୍ରଭାବ ନାହିଁ

ପୁରୀ, ୮।୮ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧୨ ତାରିଖ ଚିତାଲାଗି ଅମାବାସ୍ୟା ଦିନ ପଡୁଛି ସୂର୍ଯ୍ୟପରାଗ। ଏହି ଦିନ ଦୃଶ୍ୟମାନ ହେବ ମହାଜାଗତିକ ଦୃଶ୍ୟ। ବିଦେଶରେ କିଛି ସମୟ ପାଇଁ ଦିନ ରାତି ହୋଇଯିବ। ହେଲେ ଏହି ସୂର୍ଯ୍ୟପରାଗ ଭାରତ ବର୍ଷରେ ଅନୁଭୂତ ହେବ ନାହିଁ। ସେହିଭଳି ଏହା ଓଡ଼ିଶାରେ ଦୃଶ୍ୟମାନ ହେଉନଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିରେ କୌଣସି ପ୍ରଭାବ ନାହିଁ ବୋଲି କହିଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ।

ଭାରତୀୟ ସମୟ (ପୃଷ୍ଠା ୭ରେ)

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୨୩୫ (+୧୦୯) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩, ୭୪୦ (+୧୫) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୧,୪୨୬ (+୮୨) |

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୫ (+୫)

## ଏକାଳ ପଖାଳ



କାଦୁଅ ଫିଙ୍ଗାରେ କଣ ପାଉଛ
ଜନତା କଥାତ ଭାବ
ସପନରେ ବିକଶିତ ମାଟି ମା'
ତାହେଲେ ସମୃଦ୍ଧ ହେବ
ରାଜନୀତିରେ ଜୀବନ ଯିବ
ସେବା ନୀତିଟାକୁ ଟିକିଏ ବୁଝିଲେ
ଚାଲିବ ବିକାଶ ନାବ।

# ଗ୍ରାହକଙ୍କ ପାଇଁ ୟୁପିଆଇ ମାଗଣା




ନୂଆଦିଲ୍ଲୀ, ୮।୮

ଭାରତୀୟ ପେମେଣ୍ଟ ପରିଷଦ (ପିସିଆଇ) କହିଛି ଯେ ପେମେଣ୍ଟ ଏବଂ ସେଟେଲମେଣ୍ଟ ସିଷ୍ଟମ୍ ଆଇନ, ୨୦୦୭ରେ ସଂଶୋଧନ ସତ୍ତ୍ୱେ, ଗ୍ରାହକ ଏବଂ ଛୋଟ ବ୍ୟବସାୟଗୁଡ଼ିକ କୌଣସି ଶୁଳ୍କ ବିନା ଏକୀକୃତ ପେମେଣ୍ଟ ସିଷ୍ଟମ୍ (ୟୁପିଆଇ) ବ୍ୟବହାର କରିବା ଜାରି ରଖିବେ। ପିସିଆଇର ଏହି ବିବୃତ୍ତି ଲୋକସଭାରେ ଟିକସ ଏବଂ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍, ୨୦୨୬ ପାସ୍ ହେବାର ଗୋଟିଏ ଦିନ ପରେ ଆସିଛି,ଯେଉଁଥିରେ ସରକାର ୟୁପିଆଇ ସମେତ ଅନ୍ୟ ଡିଜିଟାଲ ପେମେଣ୍ଟ ପଦ୍ଧତି ଉପରେ ଶୁଳ୍କ ଆଦାୟ କରିବାକୁ ଅନୁମତି ଦିଆଯାଇଛି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ବିବୃତ୍ତିରେ ଜାରି କରି କହିଛନ୍ତି ୨୦୧୬ ରେ ଏହାର ଶୁଭାରମ୍ଭ ହେବା ପରଠାରୁ ଗ୍ରାହକମାନଙ୍କ ପାଇଁ ମାଗଣା ଏବଂ ଡିଜିଟାଲ ପେମେଣ୍ଟଗୁଡ଼ିକ କାରବାର ଶୁଳ୍କ ମୁକ୍ତ ରହିବ। ପରିଷଦ ଏହା ମଧ ସ୍ପଷ୍ଟ କରିଛି ଯେ ରାସନ ଦୋକାନ ସମେତ ଛୋଟ ବ୍ୟବସାୟୀମାନଙ୍କୁ ୟୁପିଆଇ ପେମେଣ୍ଟ ଗ୍ରହଣ କରିବା ପାଇଁ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମଡିଆର) ଫି' ଆଦାୟ କରାଯିବ ନାହିଁ।ଏହା ସହିତ ପିସିଆଇ କହିଛନ୍ତି ଯେ ଭବିଷ୍ୟତରେ (ପୃଷ୍ଠା ୭ରେ)

# ବଙ୍ଗୋପସାଗରରେ ଲଘୁଚାପ ୧୪ ପର୍ଯ୍ୟନ୍ତ ପ୍ରବଳ ବର୍ଷା !

ଭୁବନେଶ୍ୱର, ୮।୮
ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଆଗାମୀ ୧୪ ତାରିଖ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ସମେତ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଦକ୍ଷିଣ ପଶ୍ଚିମବଙ୍ଗ ଓ ତତ୍ସଂଲଗ୍ନ ଉତ୍ତର ଓଡିଶା ଉପରେ ଥିବା ଉପର ବାୟୁ ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ କ୍ଷେତ୍ର ସମାନ ଅଞ୍ଚଳରେ ସୃଷ୍ଟି ହୋଇଛି। ଏହା ସହିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ଏହା ବିସ୍ତାରିତ ହୋଇ ଦକ୍ଷିଣ-



ପଶ୍ଚିମ ଆଡକୁ ଢଳି ରହିଛି। ଲଘୁଚାପ କ୍ଷେତ୍ର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୧୪ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଲାଗି ରହିବ। ଆସନ୍ତା ୨୪ ଘଣ୍ଟା ପାଇଁ ୪ ଜିଲ୍ଲାକୁ ଅରେଞ୍ଜ ଓ ୧୯ ଜିଲ୍ଲାକୁ (ପୃଷ୍ଠା ୭ରେ)





# ବିଏମ୍‌ସିର ୩୦ ଜଣ କର୍ମଚାରୀଙ୍କୁ ଦିଆଗଲା ଅବସର କାଳୀନ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରୁ ଅବସର ଗ୍ରହଣ କରିଥିବା ୩୦ ଜଣ କର୍ମଚାରୀଙ୍କୁ ଦିଆଗଲା ଅବସରକାଳୀନ ସମ୍ବର୍ଦ୍ଧନା। ଏହି ଉପଲକ୍ଷେ ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ସସ୍ମିତା ସାହୁ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଂଜନ ବେହେରା, ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ ।

ଗତ ତିନି ମାସ ମଧ୍ୟରେ ବିଏମ୍‌ସିରୁ ସମୁଦାୟ ୩୦ ଜଣ ଅଧିକାରୀ ଓ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଏକ୍ସକ୍ୟୁଟିଭ୍ ଇଂଜିନିୟର, ସରୋଜ କୁମାର ମହାପାତ୍ର ଗତ ମାସରେ ଅବସର ଗ୍ରହଣ କରିଥିଲେ । ସେହିପରି ଟାକ୍ସ କଲେକ୍ଟର ଦେବିଦତ୍ତ ମହାନ୍ତି, ବିନୋଦ ମଲ୍ଲିକ, ଅରୁଣ କୁମାର ସାହୁ, ପ୍ରଶାନ୍ତ ଆଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଦୀପକ କୁମାର ନାୟକ ଅବସର ଗ୍ରହଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅବସର ଗ୍ରହଣ କରିଥିବା କର୍ମଚାରୀମାନେ ହେଲେ କୃପାସିନ୍ଧୁ ଭୋଇ, ଭଗବାନ ବଳବନ୍ତରାୟ, ଅଜୟ କୁମାର ଦାସ, ପ୍ରଫୁଲ୍ଲ କୁମାର ନାଏକ, ଅଞ୍ଜୁଳା ମହାନ୍ତି, ଭବାନୀ ଶଙ୍କର ଶତପଥି, ଉପେନ୍ଦ୍ର କୁମାର ନାୟକ, ମୁରଲୀଧର ମହାନ୍ତି, ଖଲେଶ୍ୱର ମାହାର, କୈଳାସ ଗୋଛାୟତ, ବନମାଳୀ ନାଇକ, ଗୋବର୍ଦ୍ଧନ ନାଇକ, ଅଶୋକ ନାଇକ, କୁଞ୍ଜ ନାଇକ, ମଧୁସୂଦନ ନାଇକ, ଚନ୍ଦ୍ରମଣି ସାମନ୍ତରାୟ, ମଞ୍ଜୁବାଳା ନାଇକ, ଅଭି ନାଇକ, ଅମର କୁମାର ମହାରଣା, ଛବି ନାଇକ, ଲକ୍ଷ୍ମଣ ଜେନା ଓ ନଗେନ ବରାଳ ପ୍ରମୁଖ । ଅବସର ଗ୍ରହଣ କରିଥିବା ସମସ୍ତ କର୍ମଚାରୀଙ୍କୁ ଉପଢୌକନ, ଉପହାର, ବୃକ୍ଷଚାରା ଆଦି ପ୍ରଦାନ ସହ ଯୋଗ୍ୟ ବ୍ୟକ୍ତିମାନଙ୍କୁ ପ୍ରୋଭିଜନାଲ ପେନସନ ମଧ୍ୟ ପ୍ରଦାନ କରାଯାଇଛି । ଅବସର ଗ୍ରହଣ କରିଥିବା ଏହି କର୍ମଚାରୀମାନେ ବିଭିନ୍ନ ପଦପଦବୀରେ ରହି ଦୀର୍ଘ ବର୍ଷ ଧରି ବିଏମ୍‌ସିରେ କାର୍ଯ୍ୟ କରିଆସିଥିଲେ । ଅବସରପରେ ସେମାନେ ବାକି ସମୟ ସପରିବାରେ ଘର କାର୍ଯ୍ୟରେ ସହାୟକ ହେବା ସହ ଦୀର୍ଘ ଓ ନିରାମୟ ଜୀବନ ଯାପନ ପାଇଁ ପରାମର୍ଶ ଦେଇଥିଲେ ଉପସ୍ଥିତ ଅତିଥିବୃନ୍ଦ । ବିଏମ୍‌ସି ରିକ୍ରିଏସନ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଶୁଭକାନ୍ତ ପାଢୀ ଏବଂ ସହଯୋଗ କରିଥିଲେ ସଂପାଦକ ଅକ୍ଷୟ କୁମାର ସ୍ୱାଇଁ ଓ କୋଷାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି । ଏଥିରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଚିଲିକା, କାଳିଜାଈ ଓ ସାତପଡ଼ା ଅଞ୍ଚଳର ସାମଗ୍ରିକ ବିକାଶ ନେଇ ନକ୍ସା ପ୍ରସ୍ତୁତ ଉପରେ ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏସିଆର ସର୍ବବୃହତ କ୍ଷାରୀୟ ହ୍ରଦ ଏବଂ ରାମସାର ସାଇଟ୍ ର ଖ୍ୟାତି ଅର୍ଜନ କରିଥିବା ଚିଲିକା ହ୍ରଦ ଏବଂ ଏଥି ମଧ୍ୟରେ ଥିବା କାଳିଜାଇ ପୀଠ ଏବଂ ସାତପଡ଼ା ଅଂଚଳର ସାମଗ୍ରିକ ବିକାଶ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାରା ଦେଶ ତଥା ବିଶ୍ୱରେ ଚିଲିକା ହ୍ରଦକୁ ନେଇ ଏକ ସ୍ୱତନ୍ତ୍ର ପରିଚୟ ଥିବାବେଳେ ଏହାର ସାମଗ୍ରିକ ବିକାଶର ନକ୍ସା ପ୍ରସ୍ତୁତ ନେଇ ଲୋକସେବା ଭବନଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଚିଲିକା ଆସୁଥିବା ପର୍ଯ୍ୟଟକଙ୍କ ସୁବିଧାସୁଯୋଗ ଲାଗି ଭିତିଭୂମି ନିର୍ମାଣ କରାଯିବା ସହ ଆଖପାଖ ଅଞ୍ଚଳକୁ ପର୍ଯ୍ୟଟନ ଦୃଷ୍ଟିକୋଣରୁ ବିକଶିତ କରାଯିବା ନେଇ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏହି କ୍ରମରେ ଚିଲିକାକୁ ଏକ ଆକର୍ଷଣୀୟ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ସହ ମା' କାଳିଜାଇ ପୀଠର ସର୍ବାଙ୍ଗୀନ ବିକାଶ ସହ ଚିଲିକାର ପରିବେଶ, ଜୈବବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ପରିବେଶ ସମ୍ବେଦନଶୀଳ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ।



ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ସବୁ ଅଞ୍ଚଳର ଭିତ୍ତିଭୂମି ବିକାଶ ଓ ରାସ୍ତାଘାଟର ନିର୍ମାଣ ନେଇ ରାଜ୍ୟର ବିକାଶକୁ ଆଗେଇ ନେବା ଉପରେ ଏକ ସର୍ବଶ୍ରେଷ୍ଠ ନକ୍ସା ପ୍ରସ୍ତୁତି ସହ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ବୈଠକରେ ବିଭିନ୍ନ ସଂସ୍ଥା ପକ୍ଷରୁ ଏହାର ବିକାଶ ନେଇ ପ୍ରସ୍ତୁତ ନକ୍ସା ପ୍ରଦର୍ଶିତ ହୋଇଥିଲା । ଏଥିରେ ଉନ୍ନତ ରାସ୍ତାଘାଟ ନିର୍ମାଣ ସହ ଜେଟିଗୁଡ଼ିକର ବିକାଶ, ପାର୍କିଂ ସ୍ଥାନ ନିର୍ମାଣ, ପକ୍ଷୀ ଦେଖିବା ପାଇଁ ବାର୍ଡସ ଭ୍ୟୁ ପଏଣ୍ଟ, ସାଇକେଲ ଟ୍ରାକ୍, ରୋଲର ସ୍କେଟିଂ, ୱାଟର ସ୍ପୋର୍ଟସ, ବୋଟିଂ ଭଳି ଦୁଃସାହସିକ କ୍ରୀଡ଼ା ଲାଗି ସୁବିଧା କରାଯିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଟ୍ରି-ହାଉସ୍, ଟ୍ରେକିଂ ୱେ, ଓପନ୍ ଫୁଡ୍ କୋର୍ଟ, ବଣଭୋଜି ଅଂଚଳର ବିକାଶ ସହ ଓଡ଼ିଶାର ଐତିହ୍ୟକୁ ପ୍ରଦର୍ଶିତ କରିବା ଭଳି କଳାକୃତି ସ୍ଥାନିତ କରିବା ଉପରେ ଗୁରୁତ୍ୱ ଦେବା ଲାଗି ବୈଠକରେ ଆଲୋଚନା ହୋଇଥିଲା। ଏଥି ସହିତ ବୈଠକରେ ଗୋପାଳପୁରଠାରୁ ବାହୁଦାକୁ ସଂଯୋଗ କରି ଗ୍ରୀନ୍ ଫିଲ୍ଡ ରାସ୍ତା ନିର୍ମାଣ ସହ ପାରିପାର୍ଶ୍ୱିକ ଅଞ୍ଚଳରେ ପର୍ଯ୍ୟଟନ ବିକାଶ ନେଇ ଆଲୋଚନା ହୋଇଥିଲା ।

ଏହି ବୈଠକରେ ଓବିସିସି ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହା, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଦେବୋତ୍ତର କମିଶନର ସତ୍ୟନାରାୟଣ ଷଡ଼ଙ୍ଗୀ, ଇଆଇସି ସିଭିଲ୍ ଇଂ ସତ୍ୟବ୍ରତ ବେହେରା, ଇଆଇସି ବିଲ୍ଡିଂ ଇଂ ପ୍ରିୟବ୍ରତ ସାମନ୍ତରାୟ ଓ ମୁଖ୍ୟଯନ୍ତ୍ରୀ ଇଂ ତ୍ରିନାଥ ବେହେରାଙ୍କ ସମେତ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତସମୂହ ଉପସ୍ଥିତ ଥିଲେ।

# କୃତ୍ରିମ ବୃଦ୍ଧିମତାର ପ୍ରଭାବ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ

**ବରପାଲି, ନ୍ୟୁଜ ବ୍ୟୁରୋ**

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରପାଲି ଠାରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ତଥା ବିଜ୍ଞାନ ବିଶେଷଜ୍ଞ ସତ୍ୟନାରାୟଣ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ହୋତା ଅତିଥି ପରିଚୟ ପ୍ରଦାନ କରିଥିଲେ। ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରଭାବ ସମ୍ପର୍କରେ ଶିଶୁ ମାନଙ୍କୁ ଅବଗତ କରାଇଥିଲେ।ଭବିଷ୍ୟତରେ ଆସିବାକୁ ଥିବା ସଂଶ୍ଲେଷିତ ବୁଦ୍ଧିମତ୍ତା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ବିଦ୍ୟାଳୟର ବିଦ୍ୟାମନ୍ଦିର ପର୍ଯ୍ୟାୟ ପ୍ରମୁଖ ଧର୍ମେନ୍ଦ୍ର ପୂଜାରୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ବିଜ୍ଞାନ ମେଳାରେ ଶିଶୁ ବାଟିକା ବିଭାଗରୁ ୫୮ ଓ ପ୍ରଥମ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୦୪ ମୋଟ ୩୬୨ ଜଣ ଭାଇ ଭଉଣୀ ନିଜ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ପ୍ରକଳ୍ପ ଗୁଡ଼ିକୁ ମୂଲ୍ୟାୟନ କରିବା ପାଇଁ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ବରିଷ୍ଠ ଓ ଅଭିଜ୍ଞ ବିଜ୍ଞାନ ଏବଂ ଗଣିତ ଶିକ୍ଷକ ସତ୍ୟନାରାୟଣ ମିଶ୍ର, ଅନ୍ତର୍ଯାମୀ ବେହେରା, ଅଶୋକ କୁମାର ପଣ୍ଡା, ସତ୍ୟବାନ୍ ମେହେର, ବୀର କିଶୋର ପଧାନ, ଫଗୁନୁ ଚାଉଁର, ମନୋଜ ବାରିକ, ଲଲାଟେନ୍ଦୁ ରଣା, ଉମେଶ ଚନ୍ଦ୍ର ପଧାନ ଏବଂ ଦିବାକର ତାଣ୍ଡିଆ ବିଚାରକ ରୂପେ ଯୋଗ ଦେଇଥିଲେ। ଏହି ବିଜ୍ଞାନ ମେଳାକୁ ରବୀନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ। ଏହି ମେଳାକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, ସେବକ, ସେବିକା ନିଜ ନିଜର ଦାୟିତ୍ୱ ସମ୍ପାଦନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ ବୃନ୍ଦ ତଥା ବିଦ୍ୟାଳୟର ଅଭିଭାବକ ଓ ଅଭିଭାବିକା ବହୁ ସଂଖ୍ୟାରେ ବିଦ୍ୟାଳୟକୁ ଆସି ପ୍ରକଳ୍ପ ପରିଦର୍ଶନ କରିଥିଲେ। ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ଗୁଡ଼ିକ ସଙ୍କୁଳ ସ୍ତରୀୟ ବିଜ୍ଞାନ ମେଳାରେ ସ୍ଥାନୀତ ହେବ।

# ଦୁଇ ଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତ ସାରି ଫେରିଗଲେ ରାଷ୍ଟ୍ରପତି

## ମହେନ୍ଦ୍ରଗିରି ଆସିବା ପାଇଁ ନିମନ୍ତ୍ରଣ କଲେ ମନ୍ତ୍ରୀ ବିଭୂତି ଜେନା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଦୁଇ ଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତ ଶେଷ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ବ୍ରହ୍ମପୁର ରେଳଷ୍ଟେସନରୁ ଭୁବନେଶ୍ୱର ଫେରିଛନ୍ତି । ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ମୁର୍ମୁ ଗସ୍ତର ଦ୍ୱିତୀୟ ଦିନରେ ରାଜଧାନୀ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ଆସି ବ୍ରହ୍ମପୁର ରେଳଷ୍ଟେସନରେ ପହଞ୍ଚିଥିଲେ । ସେଠାରୁ ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ତପ୍ତପାଣିର ଉଷ୍ଣ ପ୍ରସ୍ରବଣରେ ବୁଡ ପକାଇବା ସହିତ ମା କନ୍ଧୁଣୀ ଦେବୀଙ୍କ ଦର୍ଶନ କରିଥିଲେ । ଏହାପରେ ଗୋଳାବନ୍ଧ ଆର୍ମି ଏୟାର ଡିଫେନ୍ସ କଲେଜରେ ରାତ୍ର ଯାପନ କରିବା ପରେ ଭୋର ସକାଳ ସମୟରେ ଗୋପାଳପୁର ନିକଟସ୍ଥ ପ୍ରସିଦ୍ଧ ଧବଳେଶ୍ୱର ମନ୍ଦିରରେ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ । ରାଷ୍ଟ୍ରପତିଙ୍କର ଏହି ଦୁଇଦିନିଆ ଗସ୍ତକୁ ନେଇ ସମଗ୍ର ଜିଲ୍ଲାରେ ଉତ୍ସାହ ଓ ଆନନ୍ଦର ପରିବେଶ ଦେଖା ଦେଇଥିଲା। ଦେଶର ପ୍ରଥମ ନାଗରିକଙ୍କୁ ନିକଟରେ ପାଇ ଜିଲ୍ଲାବାସୀ ଅତ୍ୟନ୍ତ ଉଲ୍ଲସିତ ହୋଇ ପଡିଥିଲେ। ରାଷ୍ଟ୍ରପତି କାର୍ଯ୍ୟକ୍ରମ ଶେଷ କରି ଆଜି ସ୍ୱତନ୍ତ୍ର ଟ୍ରେନ ଯୋଗେ ଫେରିବା ସମୟରେ ରେଳଷ୍ଟେସନରେ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ ପ୍ରୋଟୋକଲ ଅନୁଯାୟୀ ଓଡିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ , ରାଜ୍ୟ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ସମେତ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଦକ୍ଷିଣାଞ୍ଚଳ ପୋଲିସ ଆଇ.ଜି ନିତି ଶେଖର, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶରବଣା ବିବେକ ଏମ, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ହରିଶ ବିଶିଙ୍କ ସମେତ ବରିଷ୍ଠ ପ୍ରଶାସନିକ, ପୋଲିସ୍ ଓ ରେଳୱେର ଅଧିକାରୀମାନେ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। 'ରାଷ୍ଟ୍ରପତିଙ୍କ ରେଳଯାତ୍ରା ପୂର୍ବରୁ ଆବଶ୍ୟକ ପ୍ରୋଟୋକଲ, ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥା ସୂଚାରୁ ଭାବେ ସମ୍ପନ୍ନ କରାଯାଇଥିଲା । ରାଷ୍ଟ୍ରପତିଙ୍କ ଏହି ଗସ୍ତ ଗଞ୍ଜାମ ଜିଲ୍ଲାର କଳା, ସଂସ୍କୃତି, ଲୋକ ପରମ୍ପରା, ପର୍ଯ୍ୟଟନ ଓ ଧାର୍ମିକ ପୀଠସବୁକୁ ଜାତୀୟ ସ୍ତରରେ ନୂଆ ପରିଚୟ ପ୍ରଦାନ କରିଛି। ବିଶେଷ କରି ଗଞ୍ଜାମର ଆଦିବାସୀ ସଂସ୍କୃତି ଓ ଲୋକକଳା ପ୍ରତି ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷିତ ହୋଇଛି। ଏହି ଗସ୍ତ ଜିଲ୍ଲାର ପର୍ଯ୍ୟଟନ ଓ ଅର୍ଥନୈତିକ ବିକାଶକୁ ନୂତନ ଗତି ପ୍ରଦାନ କରିବ' ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି ।

# ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ ସହ ସରପଞ୍ଚମାନଙ୍କ ଆଲୋଚନା

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକର ୨୭ ଗୋଟି ପଞ୍ଚାୟତର ସରପଞ୍ଚମାନେ ଜିଲ୍ଲାପାଳଙ୍କୁ ଭେଟି ବ୍ଲକରେ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି। ବ୍ଲକରେ ଜନପ୍ରତିନିଧି ମାନଙ୍କୁ ଅଣଦେଖା କରିବା ଓ ସେମାନଙ୍କର ବିଭିନ୍ନ କାର୍ଯ୍ୟ ଗୁଡିକୁ ଗୁରୁତ୍ୱ ଦେଉନଥିବା ସଂପର୍କରେ ଆଲୋଚନା କରିଛନ୍ତି। ପଞ୍ଚାୟତ ଗୁଡିକରେ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ବିଲ୍ ପଇଠ ହେଉନଥିବା ଏବଂ ଉନ୍ନୟନ ମୂଳକ କାର୍ଯ୍ୟରେ ବିଳମ୍ବ ହେଉଥିବାରୁ ସରପଂଚମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳ ସେମାନଙ୍କୁ ଆସନ୍ତା ସପ୍ତାହକ ମଧ୍ୟରେ ବିଡିଓ, ଏବିଡିଓ ଓ ଯନ୍ତ୍ରୀଙ୍କ ଉପସ୍ଥିତିରେ ଆଲୋଚନା କରି ସମସ୍ୟାକୁ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନା ସମୟରେ ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତଙ୍କ ନେତୃତ୍ୱରେ ସନ୍ଧ୍ୟାରାଣୀ ସାହୁ, ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ, କଳ୍ପନା ମହାନ୍ତି, ପ୍ରିୟଦର୍ଶିନୀ ବିଶ୍ୱାଳ, ତନୁଜା ନାୟକ, ପ୍ରଦୀପ ସୁତାର, ଚିରରଞ୍ଜନ ମଲ୍ଲିକ, ଅପର୍ଣ୍ଣା ଉତାନ୍ ସିଂଙ୍କ ସମେତ ସମସ୍ତ ସରପଂଚ ଉପସ୍ଥିତ ଥିଲେ।

# ଯୁକ୍ତ ଦୁଇ ଫେଜ୍ ୧ ନାମଲେଖାର ସ୍ୱଟ୍ ମେଧା ତାଲିକା ପ୍ରକାଶିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୨୦୨୬-୨୭ ଶିକ୍ଷାବର୍ଷ ଯୁକ୍ତ ଦୁଇ ଫେଜ୍ ୧ ନାମଲେଖାର ସ୍ୱଟ୍ ମେଧା ତାଲିକାରେ ମୋଟ ୨୫,୩୩୨ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି । ଚୟନ ପ୍ରକ୍ରିୟା ସମୟରେ ୮୭,୫୪୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମୋଟ ୪୬,୫୭୦ ଜଣଙ୍କୁ ଚୟନ କରାଯାଇଛି ।

# ଆଠଗଡରେ ବିଜେପିର ମିଶ୍ରଣ ପର୍ବ

**ଆଠଗଡ଼, ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲା ତିଗିରିଆ ବ୍ଲକ ଅନ୍ତର୍ଗତ ହାଟମାଳ ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ଶତାଧିକ ବିଜେଡ଼ି କର୍ମୀ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଆଠଗଡ ତିଗିରିଆ ବିଜେପି ନେତା ଅଭୟ ବାରିକ୍‌ଙ୍କ ନେତୃତ୍ୱରେ ବିଜେଡି ଦଳ ପରିତ୍ୟାଗ କରି ବିଧି ବଦ୍ଧ ଭାବରେ ବିଜେପି ଦଳରେ ଯୋଗଦାନ କରିଛନ୍ତି। ୩୭ ବର୍ଷର ବିଜେଡ଼ି ବିଧାୟକ ରାଜା ସ୍ୱାଇଁ ଆଠଗଡ ତିଗିରିଆ ପ୍ରତି ଅବହେଳା କରି ନିଜ ଫାଇଦାକୁ ପ୍ରାଧାନ୍ୟ ଦେଇଥିବା ନେଇ ଅଭିଯୋଗ ଆଣିଛନ୍ତି ନୂତନ କରି ବିଜେପି ଦଳରେ ମିଶିଥିବା କର୍ମୀ। ଆଗାମୀ ଦିନରେ ସବୁ ପ୍ରକାରର ଉନ୍ନତିର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଅଭୟ ବାରିକ୍। ଆଜି ପର୍ଯ୍ୟନ୍ତ ବିଷ୍ଣୁପୁର ଗ୍ରାମର ମଶାଣିରେ ଲାଇଟ୍ ଟିଏ ବିଧାୟକଙ୍କ ଦ୍ୱାରା ଲଗା ହୋଇନଥିବା ସହିତ ଗ୍ରାମକୁ ଭଲ ରାସ୍ତା ନଥିବା ଅଭିଯୋଗ ଆଣିଛନ୍ତି ବିଷ୍ଣୁପୁର ଗ୍ରାମର ଶତାଧିକ ଗ୍ରାମବାସୀ।

# ଉଦ୍ଦେଶ୍ୟମୂଳକ ଭାବେ ନବୀନଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବାକୁ ମିଥ୍ୟା ଖବର ପରିବେଷଣ କରାଯାଇଛି: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**





ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ସମ୍ପର୍କିତ ଏକ ପ୍ରକାଶିତ ହେବା ପରେ ବିଜୁ ଜନତା ଦଳ ଏହାକୁ ଦୃଢ଼ ଖଣ୍ଡନ କରିଛି । ଏହି ଖବର ସତ୍ୟ ଉପରେ ଆଧାରିତ ନୁହେଁ ଓ ଉଦେଶ୍ୟ ପ୍ରଣୋଦିତ ଭାବେ ନବୀନ ପଟ୍ଟନାୟକଙ୍କ ଛବିକୁ ମଳିନ କରିବା ପାଇଁ ଏପରି ମିଥ୍ୟା ଖବର ପରିବେଷଣ କରାଯାଇଛି ବୋଲି ବିଜେଡି କହିଛି ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ପ୍ରକାଶିତ ହୋଇଥିବା ଖବରରେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ଜଣେ ବ୍ୟକ୍ତି ଦୀର୍ଘ ୭ ଦିନ ହେଲାଣି ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଭୁବନେଶ୍ୱରରେ ଥିବା ଏମ୍ସରେ ଭର୍ତ୍ତି ହେବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ପାଇଁ ଅନୁରୋଧ କରିଥିଲେ ସୁଦ୍ଧା, ନବୀନ ପଟ୍ଟନାୟକ ତାଙ୍କୁ କୌଣସି ସହଯୋଗ କରୁନାହାନ୍ତି ବୋଲି ଅଭିଯୋଗ କରାଯାଇଥିଲା । କିନ୍ତୁ ଖବରଟି ସତ୍ୟ ଉପରେ ଆଧାରିତ ନୁହେଁ । କାରଣ ଜୁଲାଇ ୨୮ ତାରିଖରେ ଏହି ବ୍ୟକ୍ତି ଏକ ଚିଠି ମାଧ୍ୟମରେ ଏମ୍ସରେ ଚିକିତ୍ସା ପାଇଁ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । ସେହିଦିନ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ତାଙ୍କ ବ୍ୟକ୍ତିଗତ ସଚିବଙ୍କ ଦ୍ୱାରା ଏମ୍ସ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇ ସେଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ଅନୁରୋଧ କରାଯାଇଥିଲା । ଏହା ଭିନ୍ନ କଥା ଯେ, ଏହି ଚିଠି ପାଇବା ପରେ ଏମ୍ସ କର୍ତ୍ତୃପକ୍ଷ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଭର୍ତ୍ତି କରିନଥିଲେ । ଏହି ପରିପ୍ରେକ୍ଷୀରେ ନବୀନ ପଟ୍ଟନାୟକ ତାଙ୍କ ନିର୍ବାଚନ ମଣ୍ଡଳୀର ବ୍ୟକ୍ତିଙ୍କୁ ଅଣଦେଖା କରିଛନ୍ତି ବୋଲି ଅଭିଯୋଗ ଆଣିବା ଯୁକ୍ତିଯୁକ୍ତ ନୁହେଁ । କେବଳ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବା ପାଇଁ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଏଭଳି କରାଯାଇଛି । ମିଥ୍ୟା ଖବର ପରିବେଷଣ କରି କେବଳ ଟିଆରପି ହାସଲ ଲକ୍ଷ୍ୟରେ ଅଥବା କିଛି ରାଜନୈତିକ ସ୍ୱାର୍ଥ ହାସଲ ଉଦ୍ଦେଶ୍ୟ ରହିଛି ବୋଲି ଡ଼ ମହାନ୍ତି ଅଭିଯୋଗ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ପରେ ସମ୍ପୃକ୍ତ ବ୍ୟକ୍ତି ଆଜି ଏମ୍ସରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି ।

# ନନ୍ଦନକାନନ ରାସ୍ତାରେ ପ୍ରସ୍ତାବିତ ଫ୍ଲାଏଓଭର ପାଇଁ ହେବ ମାଟି ପରୀକ୍ଷା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ରାସ୍ତାରେ ପ୍ରସ୍ତାବିତ ଫ୍ଲାଏଓଭର ପାଇଁ ମାଟି ପରୀକ୍ଷା ହେବ। ଆଇନ ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ରାଜଧାନୀର ଭିଡ଼ ନିୟନ୍ତ୍ରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ବିଗତ ଦିନ ତୁଳନାରେ ଏବେ ଦୁଇଗୁଣା ଅଧିକ ରାସ୍ତା ନିର୍ମାଣ ହେଉଛି। ନନ୍ଦନକାନନ ରାସ୍ତାରେ ଫ୍ଲାଏ ଓଭର ନିର୍ମାଣ ପ୍ରକଳ୍ପ କାମ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନା ଭୁବନେଶ୍ୱର ସହରକୁ ଡି-କନଜେଷ୍ଟ କରିବ ବୋଲି ମନ୍ତ୍ରୀ କହିଛନ୍ତି।

# ହାଇୱେର ପ୍ରତି ୫୦ କିଲୋମିଟର ଅନ୍ତରରେ ଖୋଲିବ ୱେ-ସାଇଡ୍ ଆମିନିଟିସ୍ ସେଣ୍ଟର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଇନ ତଥା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନର ସମ୍ମିଳନୀ କକ୍ଷ ଠାରେ ଗୁରୁବାର ଦିନ ଜାତୀୟ ରାଜପଥ, ଏକ୍ସପ୍ରେସ୍ ୱେ, ରାଜ୍ୟ ରାଜପଥ ଏବଂ ଜିଲ୍ଲା ମୁଖ୍ୟ ସଡ଼କର ପ୍ରତି ୫୦ କିଲୋମିଟର ଅନ୍ତରରେ ୱେ-ସାଇଡ୍ ଆମିନିଟିସ୍ ସେଂଟର (ସଡ଼କ ପାର୍ଶ୍ୱ ସୁବିଧା କେନ୍ଦ୍ର) ପ୍ରତିଷ୍ଠା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ସୁବିଧା କେନ୍ଦ୍ରଗୁଡ଼ିକରେ ପୁରୁଷ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ, ଇଭି ଚାର୍ଜିଂ ସୁବିଧା, ପେଟ୍ରୋଲ ପମ୍ପ, ଫୁଡ୍ କୋର୍ଟ, ବିଶ୍ରାମ ଗୃହ ଆଦି ବ୍ୟବସ୍ଥା ରହିବ।ଏହା ଟ୍ରକ୍ ଚାଳକ, ବସ୍ ଯାତ୍ରୀ ଓ ସାଧାରଣ ଯାତ୍ରୀମାନଙ୍କୁ ସୁରକ୍ଷିତ ଯାତ୍ରାର ସୁବିଧା ପ୍ରଦାନ କରିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ବିଭିନ୍ନ ସରକାରୀ ତୈଳ କମ୍ପାନୀଙ୍କ ସହ ବୁଝାମଣା ସ୍ୱାକ୍ଷର କରିବାର ଯୋଜନା ରହିଛି।ଏଥି ଲାଗି ରାଜ୍ୟ ସରକାର ସ୍ଥାନ ଯୋଗାଇବେ ଏବଂ ତୈଳ କମ୍ପାନୀଗୁଡ଼ିକ ଏହି କେନ୍ଦ୍ରଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିବେ। ଏହି ପଦକ୍ଷେପ ଓଡ଼ିଶାର ସଡ଼କ ଯାତ୍ରାକୁ ଅଧିକ ସୁରକ୍ଷିତ, ସୁବିଧାଜନକ ଓ ଆଧୁନିକ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସାବ୍ୟସ୍ତ ହେବ। ଏହି ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ପରିବହନ କମିଶନର ଅମିତାଭ ଠାକୁର,ପୂର୍ତ୍ତ ବିଭାଗର ଇଆଇସି (ଡିଜାଇନ, ପ୍ଲାନିଂ ଓ କୋର୍ଡିନେସନ) ଇଂ ସମୀର ହୋତା,ଏନ୍‌ଏଚ୍‌ଆଇର ଆଂଚଳିକ ଅଧିକାରୀ ପ୍ରଦୀପ ଲାଲ, ମୁଖ୍ୟଯନ୍ତ୍ରୀ (ଏନ୍‌ଏଚ୍) ଇଂ ନାରାୟଣ ପଟେଲଙ୍କ ସମେତ ପୂର୍ତ୍ତ ବିଭାଗ,ପର୍ଯ୍ୟଟନ ବିଭାଗ ଏବଂ ଏଚ୍‌ପିସିଏଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ : ଆମ ରାଜ୍ୟରେ ସ୍ତନ୍ୟପାନର ପରିସଂଖ୍ୟାନଗତ ବିଶ୍ଳେଷଣର ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରସ୍ଥିତ ରାଜ୍ୟ ଏଏନଏମ୍ ସରକାରୀ ତାଲିମ କେନ୍ଦ୍ରରେ ଆଇଏପି ଓଡ଼ିଶା ଶାଖା ଦ୍ୱାରା ୩୫ତମ ବିଶ୍ୱ ସ୍ତନ ଖାଦ୍ୟ ସପ୍ତାହ ପାଳିତ ହୋଇଥିଲା। ଏହି ବୈଠକରେ ଏଏନଏମଟିସିର ଅଧ୍ୟାପକମାନଙ୍କ ସହିତ ପ୍ରାୟ ୧୦୦ ଜଣ ଏଏନଏମ୍ ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିଲେ। ଏହି ବୈଠକକୁ ଆଇଏପି ଓଡ଼ିଶା ସଚିବ ଡକ୍ଟର ମୃତଞ୍ଜୟ ଦାଶ, ନିର୍ବାଚିତ ସଭାପତି ଡକ୍ଟର ଆରତବନ୍ଧୁ ନାୟକ, ସଚିବ ଡାକ୍ତର ମୃତଞ୍ଜୟ ଦାଶଙ୍କ ସହିତ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡକ୍ଟର ଲିଙ୍ଗରାଜ ପ୍ରଧାନ ଏବଂ ଆଇଏପି ଆଇୱାଇସିଏଫ୍ (ଶିଶୁ ଯୁବ ଶିଶୁ ଖାଦ୍ୟ ଚାପ୍ଟର) ସଚିବ ଡକ୍ଟର ପ୍ରଶାନ୍ତ ସାବୋଥ୍ ଉଦ୍ଘାଟନ କରିଥିଲେ। ସହକାରୀ ନିର୍ଦ୍ଦେଶକ ନର୍ସିଂ ଶ୍ରୀମତୀ ବାସନ୍ତୀ ବେହେରା, ଆଇଏପି ଓଡ଼ିଶା ରାଜ୍ୟ କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟ ଡକ୍ଟର ବିକ୍ରାନ୍ତ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

ଆମ ରାଜ୍ୟରେ ସ୍ତନ୍ୟପାନର ପରିସଂଖ୍ୟାନଗତ ବିଶ୍ଳେଷଣ, ସ୍ତନ୍ୟପାନର ଗୁରୁତ୍ୱ ଏବଂ ସ୍ତନ୍ୟପାନ ଉପରେ ସେମାନଙ୍କର ଜ୍ଞାନ ବିଷୟରେ ଏଏନଏମ୍ ଅଧ୍ୟୟନକୁ ଅଦ୍ୟତନ କରିବା ପାଇଁ ପ୍ରିଟର୍ମ ଫିଡିଂ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ଏଏନଏମ୍ ଛାତ୍ରମାନେ ସ୍ତନ୍ୟପାନ ସଚେତନତା ଉପରେ ଏକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରିନ୍ସିପାଲ୍ ଏଏନଏମଟିସି , ଶ୍ରୀମତୀ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମଟି ସମନ୍ୱିତ ହୋଇଛି।

# ଦୁର୍ଗମ ବଣ୍ଡା ଘାଟିରେ ୧୩ ବର୍ଷ ସେବାର ସ୍ୱୀକୃତି: ରାଷ୍ଟ୍ରପତି ଭବନରୁ ଦୁର୍ଗାପ୍ରସାଦଙ୍କୁ ମିଳିଲା ନିମନ୍ତ୍ରଣ

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ଖଇରୀପୁଟ ବ୍ଲକ୍‌ର ଦୁର୍ଗମ ଅଣ୍ଡାହାଲ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଦୀର୍ଘ ୧୩ ବର୍ଷ ଧରି ନିଷ୍ଠା ଓ ତ୍ୟାଗର ସହ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ସ୍ୱାସ୍ଥ୍ୟକର୍ମୀ ଦୁର୍ଗାପ୍ରସାଦ ସାହୁଙ୍କୁ ମିଳିଛି ସମ୍ମାନ। ତାଙ୍କର ନିରନ୍ତର ଜନସେବା ଓ ଦୁର୍ଗମ ବଣ୍ଡା ଜନଜାତି ଅଞ୍ଚଳରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଷ୍ଟ୍ରପତି ଭବନରୁ ଆସିଛି ନିମନ୍ତ୍ରଣ । ଆସନ୍ତା ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ସାକ୍ଷାତ କରିବା ସହ ରାତ୍ରଭୋଜନ କରିବେ । ଏଥିପାଇଁ ଡାକ ଯୋଗେ ନିମନ୍ତ୍ରଣ ମିଳିଛି। ଏହି ସମ୍ମାନ କେବଳ ଦୁର୍ଗାପ୍ରସାଦ ସାହୁଙ୍କ ପାଇଁ ନୁହେଁ ବରଂ ସମଗ୍ର ମାଲକାନଗିରି ଜିଲ୍ଲା ଖଇରୀପୁଟ ବ୍ଲକ୍ ଏବଂ ଅଣ୍ଡାହାଲ ଗ୍ରାମ ପାଇଁ ଗୌରବର ବିଷୟ ପାଲଟିଛି।

ଦୁର୍ଗମ ଅଞ୍ଚଳରେ ସୀମିତ ସୁବିଧା ମଧ୍ୟରେ ରହି ସେ ସ୍ଥାନୀୟ ବଣ୍ଡା ଜନଜାତି ସମେତ ପ୍ରାୟ ୪ ହଜାର ଜନସଂଖ୍ୟାଙ୍କୁ ନିୟମିତ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ଦୁର୍ଗାପ୍ରସାଦ ସାହୁ କହନ୍ତି, 'ଅଣ୍ଡାହାଲ ଉପକେନ୍ଦ୍ରରେ କାର୍ଯ୍ୟରତ ସମୟରେ ସେ ମ୍ୟାଲେରିଆ, ଯକ୍ଷ୍ମା (ଟିବି), କୁଷ୍ଠରୋଗ ନିୟନ୍ତ୍ରଣ, ଗର୍ଭବତୀ ମହିଳାଙ୍କ ଯତ୍ନ, ପ୍ରସବ ସେବା, ଟିକାକରଣ ଏବଂ ଶିଶୁ ସ୍ୱାସ୍ଥ୍ୟ ଭଳି ବିଭିନ୍ନ କ୍ଷେତ୍ରରେ ନିରନ୍ତର କାମ କରିଆସୁଛନ୍ତି। ପ୍ରତ୍ୟେକ ମଙ୍ଗଳବାର ଓ ଶୁକ୍ରବାର 'ମମତା ଦିବସ' ଅବସରରେ ଗ୍ରାମକୁ ଯାଇ ଗର୍ଭବତୀ ମହିଳା ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଛନ୍ତି।' ଅନୁଗୋଳ ଜିଲ୍ଲାର ଦୁର୍ଗାପ୍ରସାଦଙ୍କ ଜନ୍ମ ଏହି ବଣ୍ଡାଘାଟିରେ । ତାଙ୍କର ବାପା ଧନେଶ୍ୱର ସାହୁ ଏଠାରେ ବଣ୍ଡା ଉନ୍ନୟନ ସଂସ୍ଥାରେ କିରାଣି ଭାବେ କାମ କରୁଥିଲେ । ୧୯୮୩ରେ ଜନ୍ମିତ ଦୁର୍ଗାପ୍ରସାଦ ବଣ୍ଡାଘାଟିର ମୁଦୁଲିପଡା ସ୍କୁଲରେ ୮ମ ଶ୍ରେଣୀଯାଏ ପଢ଼ିବା ପରେ ବାହାରକୁ ଯାଇ ଉଚ୍ଚଶିକ୍ଷା ଲାଭ କରିଥିଲେ । କିନ୍ତୁ ୨୦୧୩ରୁ ଏଠାରେ ସ୍ୱାସ୍ଥ୍ୟକର୍ମୀଭାବେ କାମ କରି ଆସୁଛନ୍ତି। ଏହି କିଛି ବର୍ଷ ଭିତରେ ସେ ଏଠିକା ଲୋକଙ୍କ ସ୍ନେହଶ୍ରଦ୍ଧାରେ ବାନ୍ଧି ହୋଇ ଯାଇଛନ୍ତି । ଏବେ ଏହି ବନ୍ଧନକୁ ଏଡାଇ ନା ସେ ଅନ୍ୟ କୁଆଡେ ଯିବାକୁ ଚାହିଁଛନ୍ତି ନା ଏ ଲୋକମାନେ ତାଙ୍କୁ ଯିବାକୁ ଦେଉଛନ୍ତି। ଦୁର୍ଗାପ୍ରସାଦ କହନ୍ତି, ଗତବର୍ଷ ତାଙ୍କର ବଦଳି ହୋଇଥିଲା । ହେଲେ ଏଠିକାର ଆଦିବାସୀ ଜିଲ୍ଲାପାଳଙ୍କୁ ୨ରୁ୩ ଥର ଜନଶୁଣାଣି ଶିବିରରେ ଭେଟି ବଦଳି ନ କରିବା ପାଇଁ ଅନୁରୋଧ କରି ତାଙ୍କୁ ପୁଣି ଏଠାରେ ରଖିଛନ୍ତି । ତେଣୁ ଏମାନଙ୍କର ଏ ଗ୍ରହଣୀୟତାକୁ ଏଡାଇ ଆଉ କୁଆଡେ ଯିବାକୁ ଚାହିଁବେ ନାହିଁ ବୋଲି କହିଛନ୍ତି ଦୁର୍ଗାପ୍ରସାଦ । ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ ପାଇବା ପରେ ଦୁର୍ଗାପ୍ରସାଦ ସାହୁ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏହି ସମ୍ମାନ ତାଙ୍କ ପାଇଁ ଗର୍ବର ବିଷୟ। ଦୁର୍ଗମ ଅଞ୍ଚଳରେ କରିଥିବା ସେବାକୁ ଦେଶର ସର୍ବୋଚ୍ଚ ସ୍ତରରେ ସ୍ୱୀକୃତି ମିଳିଥିବାରୁ ସେ ରାଷ୍ଟ୍ରପତିଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି । ସେ କହିଛନ୍ତି, 'ଆଗାମୀ ଦିନରେ ମଧ୍ୟ ସେ ସମାନ ନିଷ୍ଠାର ସହ ଜନସେବା ଜାରି ରଖିବେ।' ଦୁର୍ଗାପ୍ରସାଦ ସାହୁଙ୍କ ଏହି ସଫଳତାକୁ ନେଇ ସ୍ୱାସ୍ଥ୍ୟ ବିଭାଗ, ସହକର୍ମୀ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଦୁର୍ଗମ ବଣ୍ଡା ଅଞ୍ଚଳରେ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ନିଷ୍ଠାପୂର୍ଣ୍ଣ ସେବା ଜାତୀୟ ସ୍ତରରେ ସ୍ୱୀକୃତି ପାଇବା ମାଲକାନଗିରି ପାଇଁ ନିଶ୍ଚିତ ଭାବେ ଏକ ଗୌରବମୟ ଅଧ୍ୟାୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ବ୍ରହ୍ମୋସ ପରେ 'କାଲ'

ଆଇଜି ଡିଫେନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅନେକ ଦେଶ ସହିତ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଏକ ବଡ଼ ଚୁକ୍ତି ସ୍ୱାକ୍ଷରିତ ହେବାର ଆଶା କରାଯାଉଛି । ଯୁଦ୍ଧର ରୂପରେଖ ସମ୍ପୂର୍ଣ୍ଣ ବଦଳି ଯାଇଛି । ଆଜିକାଲି ଶତ୍ରୁ ଉପରେ ଆକ୍ରମଣ ସେମାନଙ୍କ ସୀମା ଭିତରକୁ ଯାଇ ନୁହେଁ, ବରଂ ଦୂରରୁ କରାଯାଉଛି । ଆଧୁନିକ ଯୁଦ୍ଧରେ 'ଡ୍ରୋନ୍' ସବୁଠାରୁ କାର୍ଯ୍ୟକାରୀ ହତିଆର ଭାବେ ଉଭା ହୋଇଛି । ଋଷ-ୟୁକ୍ରେନ ଯୁଦ୍ଧ ହେଉ ଅବା ପଶ୍ଚିମ ଏସିଆର ସଂଘର୍ଷ, ସବୁଠାରେ ଡ୍ରୋନ୍‌ର ବ୍ୟାପକ ବ୍ୟବହାର ଦେଖିବାକୁ ମିଳିଛି। ଏହି ପୃଷ୍ଠଭୂମିରେ ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଏକ ବଡ଼ ସଫଳତା ହାତେଇଛି। ଓଡ଼ିଶାର 'ଆଇଜି ଡିଫେନ୍ସ' ଦ୍ୱାରା ନିର୍ମିତ 'କାଲ' ଡ୍ରୋନ୍ ବର୍ତ୍ତମାନ ପ୍ରତିରକ୍ଷା ଜଗତରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଡ୍ରୋନ୍‌କୁ ଇରାନର 'ସାହେଦ' ଏବଂ ଆମେରିକାର 'ଲୁକାସ' ଡ୍ରୋନ୍ ଭଳି ବିକଶିତ କରାଯାଇଛି। ଏହାର ଅପରେସନାଲ୍ କ୍ଷମତା ୧୦୦୦ କିଲୋମିଟର ପର୍ଯ୍ୟନ୍ତ ରହିଛି । ଥରେ ଉଡ଼ାଣ ଭରିବା ପରେ ଏହା ଆକାଶରେ ୭ରୁ ୮ ଘଣ୍ଟା ପର୍ଯ୍ୟନ୍ତ ରହିପାରିବ । ଏହା ନିଜ ସହିତ ୫୦ କିଲୋଗ୍ରାମ ପର୍ଯ୍ୟନ୍ତ ବାରୁଦ ନେଇପାରିବ । ଏହାର ସାଧାରଣ ଗତି ଘଣ୍ଟାପ୍ରତି ୧୬୦ କିଲୋମିଟର ଥିବାବେଳେ ସର୍ବାଧିକ ଗତି ଘଣ୍ଟାପ୍ରତି ୨୦୦ କିଲୋମିଟର ପର୍ଯ୍ୟନ୍ତ ରହିଛି । ସମୁଦ୍ର ପତ୍ତନରୁ ୫୦୦୦ ମିଟର ଉଚ୍ଚତାରେ ଉଡ଼ି ଏହା ଶତ୍ରୁର ଠିକଣା ଧ୍ୱଂସ କରିପାରିବ । 'କାଲ' ଡ୍ରୋନ୍‌ର କ୍ଷମତାକୁ ଦୃଷ୍ଟିରେ ରଖି ଖାଡ଼ି ଏବଂ ଅନ୍ୟାନ୍ୟ ରଣନୈତିକ ଦେଶଗୁଡ଼ିକ ଏହାକୁ କିଣିବା ପାଇଁ ଗଭୀର ଆଗ୍ରହ ପ୍ରକାଶ କରିଛନ୍ତି। ଆଇଜି ଡିଫେନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅନେକ ଦେଶ ସହିତ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଏକ ବଡ଼ ଚୁକ୍ତି ସ୍ୱାକ୍ଷରିତ ହେବାର ଆଶା କରାଯାଉଛି ।

ବ୍ରହ୍ମୋସ କ୍ରୁଜ୍ ମିସାଇଲ୍ ଭାରତର ସବୁଠାରୁ ସଫଳ ପ୍ରତିରକ୍ଷା ରପ୍ତାନି ଭାବେ ପରିଚିତ । ୨୦୨୨ ମସିହାରେ ଫିଲିପାଇନ୍ସ ବ୍ରହ୍ମୋସର ପ୍ରଥମ ଅନ୍ତର୍ଜାତୀୟ ଗ୍ରାହକ ହୋଇଥିଲା । ଭିଏତନାମ୍ ସହ ଚୁକ୍ତି ପରେ, ସମ୍ପ୍ରତି ଇଣ୍ଡୋନେସିଆକୁ ମଧ୍ୟ ବ୍ରହ୍ମୋସ ଯୋଗାଇବା ନେଇ ଘୋଷଣା କରାଯାଇଛି । ଏହାଛଡ଼ା ଦକ୍ଷିଣ କୋରିଆ, ଆଲଜେରିଆ, ଗ୍ରୀସ୍, ମିଶର, ୟୁଏଇ ଏବଂ ଚିଲି ମଧ୍ୟ ଏଥିପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଆର୍ଥିକ ବର୍ଷ ୨୦୨୫-୨୬ରେ ଭାରତର ପ୍ରତିରକ୍ଷା ରପ୍ତାନି ସର୍ବକାଳୀନ ରେକର୍ଡ କରି ୩୮,୪୨୪ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତ ବର୍ଷଠାରୁ ୬୨.୬୬% ଅଧିକ । ବର୍ତ୍ତମାନ ଭାରତ ବିଶ୍ୱର ୮୦ରୁ ଅଧିକ ଦେଶକୁ ପ୍ରତିରକ୍ଷା ସରଞ୍ଜାମ ରପ୍ତାନି କରୁଛି । ଭାରତ ସରକାର ୨୦୨୯-୩୦ ସୁଦ୍ଧା ୫୦,୦୦୦ କୋଟି ଟଙ୍କାର ପ୍ରତିରକ୍ଷା ରପ୍ତାନି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

#### ମାନବିକତା

ଶ୍ରଦ୍ଧେୟ ଭକ୍ତବୃନ୍ଦ ଆଜି ଆଉ ମନୁଷ୍ୟ ଭିତରେ ମଣିଷ ପଣିଆ ନାହିଁକି ମନୁଷ୍ୟତା ନାହିଁ । ଏହାହିଁ ପ୍ରଳୟର ସୂଚନା। ଗୁରୁ ଦାୟିତ୍ୱ ବୋଲି ଟିକିଏ ହେଲେ ଶିଷ୍ୟ ପାଖରେ ନାହିଁ। ସମସ୍ତେ ହୃଦୟ ହୀନ, ଦୁରାଚାରୀ, ଭ୍ରଷ୍ଟାଚାରୀ, ସଂଯମତା, ଦୃଢ଼ ନିଷ୍ଠା ସମାଜରୁ ଉଭେଇ ଗଲାଣି । ସତ୍ କର୍ମ କରି ସମାଜକୁ ଦେଖାଇବା ଧୃତରାଷ୍ଟ୍ରକୁ ଦେଖାଇଲା ପରି ଲାଗୁଛି। ତେଣୁ କାହାକୁ କହିବି କିଏ ସେ ଶୁଣିବ । ତୁମ୍ଭ ବିନା ପ୍ରଭୁ କିଏ ସେ ରଖିବା ଏହି ଉକ୍ତିଟିକୁ ଜଗତ ଗୁରୁ ଠାକୁର ଅଭିରାମ ପରମହଂସ ତାଙ୍କର ବ୍ୟାକୁଳିତ ହୃଦୟରେ ଭଗବାନଙ୍କୁ ଜଣାଉଥିଲେ । ଏବଂ ସେ ସେତେବେଳେ ଜାଣିଥିଲେ ଯେ କାହା ଉପରେ ନିର୍ଭର କରିବା ଏକ ମାରାତ୍ମକ ଭୂଲ । ତେଣୁ ଜଗତବାସୀଙ୍କୁ ଏବଂ ନିଜର ଶିଷ୍ୟମାନଙ୍କୁ ସଦା ସର୍ବଦା ଚେତାଇ ଦେବା ପାଇଁ ସେ ଏହି ଉକ୍ତିଟିକୁ ଲେଖିଦେଇଯାଇଛନ୍ତି । ତଥାପି ଏ ମନୁଷ୍ୟର ଖାତିରି ନାହିଁ । ବର୍ତ୍ତମାନ ଏ ସଂସାରରେ ଏକ ମାନସିକ ବ୍ୟାଧି ସଂସାର ଠାର ସମାଜପର୍ଯ୍ୟନ୍ତ ମାଡି ଗଲାଣି । ଏହାକୁ ସଜାଡିବା କଷ୍ଟକର ବ୍ୟାପାର ହୋଇପଡିଲାଣି । ଆଶ୍ରମରେ ହେଉ କିମ୍ୱା ମନ୍ଦରିରେ ହେଉ କି ସମାଜରେ ହେଉ ଭ୍ରଷ୍ଟାଚାର ସବୁଆଡେ, ଦାୟିତ୍ୱବାନ କେହି ନୁହଁନ୍ତି । ତେଣୁ ସୁଧିଜନ କର୍ମ କରିବା ପୂର୍ବରୁ ଟିକେ ଭାବି ଦେଖ ଯେତିକି ପାରିବ ଯତ୍ନ ସହକାରେ ସେତିକି କର । ନା ତୁମକୁ କଷ୍ଟ ହେବନା ଅନ୍ୟକୁ କଷ୍ଟ ହେବ । ଭାବି ଚିନ୍ତି ଈଶ୍ୱରଙ୍କ ଉପରେ ଲୟ ରଖି କର୍ମ କରି ଚାଲ । ଆଉ ସବୁ ଈଶ୍ୱରଙ୍କ ଉପରେ ଛାଡିଦେଲେ ଚଳିବ ନାହିଁ । ◆◆

# ମହେଶ୍ୱରଙ୍କ ମହିମା ଏବଂ ପବିତ୍ର ଶ୍ରାବଣ ମାସ



ହେମନ୍ତ କୁମାର ଗନ୍ତାୟତ
ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ, ଅଧ୍ୟାପକ
କବିସୂର୍ଯ୍ୟ ନଗର
ମୋ-୯୮୬୧୩୩୪୮୬୮

ଆମ ହିନ୍ଦୁ ଧର୍ମର ପ୍ରଧାନ ଆରାଧ୍ୟ ଦେବତା ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର। ଏହି ତ୍ରିଦେବଙ୍କ ମଧ୍ୟରୁ ବ୍ରହ୍ମାଙ୍କୁ ସୃଷ୍ଟି କର୍ତ୍ତା ଓ ବିଷ୍ଣୁଙ୍କୁ ପାଳନ କର୍ତ୍ତା (ସ୍ଥିତି) ରୂପେ ପୁରାଣାଦିରେ ବର୍ଣ୍ଣନା କରାଯାଇଥିବା ବେଳେ ମହେଶ୍ୱରଙ୍କୁ ସଂହାର କର୍ତ୍ତାର ଅଧିକାରୀ ବୋଲି କୁହାଯାଇଛି। ଏ ସଂହାର ପଦଟି ସମ୍ ଉପସର୍ଗ ଓ ହାର ମୂଳ ଶବ୍ଦକୁ ନେଇ ଗଠିତ। ଯାହାର ଅର୍ଥ ଠିକ୍ ଭାବରେ, ପୂର୍ଣ୍ଣ ଭାବରେ ବା ଏକତ୍ର ଭାବରେ ହରଣ କିମ୍ବା ନଷ୍ଟ କରିବା । ଏହି କାର୍ଯ୍ୟକୁ ଯିଏ ସୁଚାରୁ ରୂପେ ସମ୍ପାଦନ କରନ୍ତି ଏବଂ ଯିଏ ମହାନ ତଥା ଈଶ୍ୱର ଅଟନ୍ତି ସେ ହେଉଛନ୍ତି ମହେଶ୍ୱର। ତେଣୁ ଏହି ଦେବଙ୍କୁ ଶାସ୍ତ୍ରରେ 'ମହାଶ୍ଚାସାବୀଶ୍ୱରଶ୍ଚ କର୍ତ୍ତୁମକର୍ତ୍ତୁମନ୍ୟଥାକର୍ତ୍ତୁଂ ବା ସମର୍ଥଃ' କୁହାଯାଇଛି। ଏହା ସହ ସେ ଅକାଳମୃତ୍ୟୁର ହରଣର କର୍ତ୍ତା ଯୋଗୁଁ ମୃତ୍ୟୁଞ୍ଜୟ, ସଦା ସର୍ବଦା ଧ୍ୟାନସ୍ଥ ହେତୁ ମହାଯୋଗୀ, ସଦାଶମ୍ଭୁ କୁହାଯାଏ। କେବଳ ସେ ମହାଯୋଗୀ ନୁହଁନ୍ତି ଅପିତୁ ସେ ହେଉଛନ୍ତି ସକଳ ଶାସ୍ତ୍ରର ବେତ୍ତା ଏବଂ ଜ୍ଞାନ ପ୍ରଦାୟକ। ତେଣୁ ଏହି ଈଶଙ୍କୁ ଆଦିଗୁରୁ ବୋଲି ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି। ସେହିପରି ସେ ଦେବ ଦେବ ମହାଦେବ ଓ କାଳଙ୍କର କାଳ ଯୋଗୁଁ ତା'ଙ୍କୁ ମହାକାଳ ମଧ୍ୟ କୁହାଯାଏ। ମହାପ୍ରଭୁଙ୍କୁ ନିଷ୍ଠାର ସହିତ ପ୍ରାର୍ଥନା କଲେ, ସେ ଅବିଳମ୍ବେ ପ୍ରସନ୍ନ ହୋଇ ତ୍ୱରିତ ବର ପ୍ରଦାନ କରିଥାନ୍ତି । ଏଣୁ ଦେବଙ୍କୁ ଆଶୁତୋଷ ଏବଂ ପ୍ରଥମ ଦେବତା ହେତୁ ଆଦିଦେବ କୁହାଯାଏ। ଏହି ଭଗବାନ ଦେବ, ଦାନବ, ମାନବ, ଭୂତ, ପ୍ରେତ ଓ ପିଶାଚ ଜାତିର କେବଳ ନାଥ ନୁହଁନ୍ତି; ସେ ହେଉଛନ୍ତି ପଶୁ ଓ ପକ୍ଷୀମାନଙ୍କର ମଧ୍ୟ ନାଥ। ଅତଃ ଏହାଙ୍କୁ ପଶୁପତିନାଥ ବୋଲି କୁହାଯାଏ। ଏ ସୃଷ୍ଟିର ସମସ୍ତ ଅନିଷ୍ଟକାରୀ ଅପଶକ୍ତି, ଅନ୍ୟାୟ ଓ ଅନୀତି ଆଦିକୁ ସମ୍ପୂର୍ଣ୍ଣ ଭାବରେ ସଂହାର କରିବା ସହ ସଂସାରକୁ ସୁଖ ,ଶାନ୍ତି ତଥା ମଙ୍ଗଳ ପ୍ରଦାନ କରିଥାନ୍ତି। ତେଣୁ ମହେଶ୍ୱରଙ୍କୁ ସତ୍ୟ - ଶିବ - ସୁନ୍ଦର ମଧ୍ୟ କୁହାଯାଏ।

ଏହି ମହେଶଙ୍କ ଅତ୍ୟନ୍ତ ପ୍ରିୟ ହେଉଛି ଶ୍ରାବଣ ମାସ। ଯାହାକୁ ସେ ସ୍ୱୟଂ କହିଛନ୍ତି:-

ଦ୍ୱାଦଶସ୍ୱପି ମାସେଷୁ ଶ୍ରାବଣୋ ମେ 'ତିବଲ୍ଲଭଃ
ଶ୍ରବଣାହଁ ଜନ୍ମାହାତ୍ମ୍ୟଂ ତେନାସୌ ଶ୍ରବଣ ମତଃ ।।

ଅର୍ଥାତ୍ ବାର ମାସ ମଧ୍ୟରେ ଶ୍ରାବଣ ମାସ ମୋର ସବୁଠାରୁ ପ୍ରିୟ ଅଟେ। ଏହି ମାସର ଶ୍ରବଣ ଯୋଗ୍ୟ ମହିମା ଏବଂ ଶ୍ରବଣା ନକ୍ଷତ୍ର ସହିତ ଏହାର ସମ୍ବନ୍ଧ ଯୋଗୁଁ ଏହାକୁ 'ଶ୍ରାବଣ' କୁହାଯାଏ। ଉକ୍ତ ମାସରେ ଭଗବାନ ଶିବଙ୍କ ଯେଉଁ ଅନନ୍ୟ ସ୍ୱରୂପ ରହିଛି, ଯାହାଙ୍କୁ ଶିବଲିଙ୍ଗ ରୂପେ ପୂଜିତ କରାଯାଏ। ଯାହାର ପାଞ୍ଚ ଗୋଟି ମୁଖ ରହିଛି ଯଥା:- ସଦ୍ୟୋଜାତ, ବାମଦେବ, ଅଘୋର, ତତ୍‌ପୁରୁଷ ଏବଂ ଈଶାନ । ଏଣୁ ଏହାଙ୍କୁ ପଞ୍ଚାନନ ଅଭିହିତ କରାଯାଇଛି। ଯାହା ମହାଦେବଙ୍କ ପାର୍ଥିବ ସ୍ୱରୂପ ଅଟେ।

ଜ୍ୟୋତିଷ ଶାସ୍ତ୍ର ମତ ଅନୁଯାୟୀ, ଶ୍ରବଣା ନକ୍ଷତ୍ର ନାମରେ ଶ୍ରାବଣ ମାସ ନାମିତ ହୋଇଛି । ଏହି ପବିତ୍ର ମାସର ଧାର୍ମିକ ଓ ପୌରାଣିକ ମାନ୍ୟତା ଅନୁସାରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କୁ ବିଧିବିଧାନ ସହକାରେ ପୂଜା କଲେ ଆଶୁତୋଷ ସମସ୍ତ ମନସ୍କାମନା ପୂର୍ଣ୍ଣ କରିଥାଆନ୍ତି। ପୁରାଣରେ ବର୍ଣ୍ଣିତ ରହିଛି ଯେ, ମାତା ପାର୍ବତୀ ଭଗବାନ ଶିବଙ୍କୁ ପାଇବା ପାଇଁ ଶ୍ରାବଣ ମାସରେ କଠୋର ତପସ୍ୟା କରିଥିଲେ। ଏହା ମଧ୍ୟ ବିଶ୍ୱାସ ରହିଛି ଯେ, ଏହି ମାସରେ ମାତା ପାର୍ବତୀ ଓ ଭଗବାନ ଶିବ ଭୂଲୋକକୁ ଭ୍ରମଣ କରିବାକୁ ଆସିଥାନ୍ତି। ଏଣୁ ଶ୍ରାବଣ ମାସର କୃଷ୍ଣ ପକ୍ଷ ପ୍ରତିପଦା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରାବଣ ମାହାତ୍ମ୍ୟ ପଠନ କରାଯାଇଥାଏ। ଏ ମାସର ପ୍ରତ୍ୟେକ ସୋମବାର ଦିନ ମହାଦେବଙ୍କୁ ଜଳ ଅର୍ପଣ କଲେ, ସେ ସନ୍ତୁଷ୍ଟ ହୁଅନ୍ତି। କାରଣ ସମସ୍ତ ଉପଚାରମାନଙ୍କ ମଧ୍ୟରେ ଶିବଙ୍କ ଅତିବ ପ୍ରିୟ ଜଳ। ଏଣୁ ଶାସ୍ତ୍ରରେ କୁହାଯାଇଛି ଯେ 'ଶିବ ଜଳଧାରା ପ୍ରିୟଃ'। ସେ'ପରି ପୁରାଣରେ ବର୍ଣ୍ଣନା ରହିଛି ଯେ , ଯେତେବେଳେ ଦେବତା ଓ ଦାନବମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନ କରାଯାଇଥିଲା ; ସେତେବେଳେ ପ୍ରଥମେ ହଳା ହଳ ନାମକ ଏକ ଭୟଙ୍କର ଗରଳ ଓ ଅମୃତ ଦ୍ୱୟ ଶ୍ରାବଣ ମାସ ଅମାବାସ୍ୟା ଦିନ ଉତ୍ପନ୍ନ ହୋଇଥିଲା। ସେହି ବିଷ ପ୍ରଭାବରେ ସମଗ୍ର ସଂସାରର ପ୍ରାଣୀମାନେ ଅଚେତନ ହୋଇଗଲେ। ଏହି ଘୋର ବିପଦରୁ ଉଦ୍ଧାର କରିବା ପାଇଁ ଦେବତାମାନେ ଦେବ ଦେବ ମହାଦେବଙ୍କୁ ପ୍ରାର୍ଥନା କରିଥିଲେ। ସେହି ପ୍ରାର୍ଥନା ସ୍ୱରୂପ ଅନୁରୋଧକୁ ରକ୍ଷାକରି , ମହାଦେବ ଉକ୍ତ ବିଷକୁ ପାନ କରିଦେଇଥିଲେ । ଯାହା ଫଳରେ ଶିବଙ୍କ କଣ୍ଠଦେଶ ନୀଳବର୍ଣ୍ଣ ହୋଇଯାଇଥିଲା । ସେହି ବିଷଜ୍ୱାଳାକୁ ଲାଘବ କରିବା ଉଦ୍ଦେଶ୍ୟରେ ଦେବଗଣ ମହାଦେବଙ୍କ ମସ୍ତକରେ ସୁବାସିତ ଗଙ୍ଗା ଜଳ ଢାଳିଥିଲେ। ସେ'ପରି ଶିବଙ୍କ ପରମ ଭକ୍ତ ଲଙ୍କାପତି ରାବଣ ନୀଳକଣ୍ଠଙ୍କ ଗରଳ ଜ୍ୱାଳକୁ ପ୍ରଶମିତ କରିବା ପାଇଁ , ହିମାଳୟରୁ ପବିତ୍ର ଗଙ୍ଗା ଜଳ ଆଣି ଭୋଳାନାଥଙ୍କୁ ଅର୍ପଣ କରିଥିଲେ । ଅତଃ ଏହି ପବିତ୍ର ମାସରେ ମହାଦେବଙ୍କ ଆଶୀର୍ବାଦ ପ୍ରାପ୍ତି ପାଇଁ କାଉଡ଼ି ଯାତ୍ରାର ପରମ୍ପରା ରହିଆସିଛି। ଭଗବାନ ପର୍ଶୁରାମ ପ୍ରଥମେ କାଉଡ଼ି ଯାତ୍ରା ଆରମ୍ଭ କରିଥିଲେ ବୋଲି ଦେଖିବାକୁ ମିଳେ। ସେ ଉତ୍ତର ପ୍ରଦେଶର ବାଗପତ ଜିଲ୍ଲା ନିକଟସ୍ଥ ମହାଦେବ ମନ୍ଦିରରେ ଜଳ ଅର୍ପଣ କରିବା ପାଇଁ ଗର୍ଭମୁକ୍ତେଶ୍ୱରରୁ ଗଙ୍ଗା ଜଳ ଆଣିଥିଲେ।

ବହୁ ପୁରାତନ କାଳରୁ ଶିବ ଭକ୍ତମାନେ ନିଜ ନିଜର ମାନସିକ ପୂରଣ ପାଇଁ ଶ୍ରାବଣ ମାସର ସୋମବାରରେ ଭଗବାନ ଶିବଙ୍କୁ ଜଳାଭିଷେକ ଲାଗି ବୋଲବମ୍ ଯାତ୍ରା କରିଥାନ୍ତି। କଥିତ ଅଛି ଯେ ଭଗବାନ ଶିବଙ୍କୁ ଫଳ, ଫୁଲ, ଧୂପ, ଦୀପ ଓ ନୈବେଦ୍ୟ ଦେଇ ପୂଜା କଲେ ଯେତିକି ପ୍ରସନ୍ନ ହୋଇ ନଥା'ନ୍ତି ଜଳାଭିଷେକ ଦ୍ୱାରା ତାଠାରୁ ବେଶି ପ୍ରସନ୍ନ ହୋଇଥାନ୍ତି । ସେଥିପାଇଁ ଆଜି ମଧ୍ୟ ଶ୍ରାବଣ ମାସରେ ଭାରତ ଓ ନେପାଳର ଲକ୍ଷ ଲକ୍ଷ ଭକ୍ତ ଜଳଧାରା ଧରି ଯାତ୍ରା କରି ଆସୁଛନ୍ତି। ରାସ୍ତାରେ ଚାଲିବା ବେଳେ ପଥ ଲାଘବ ପାଇଁ କାଉଡ଼ିଆମାନେ ବୋଲ ବମ - ବୋଲ ବମ କହିଥାନ୍ତି।

ବୋଲ ବମ ଯାତ୍ରାରେ ଭାଗନେଉଥିବା ଭକ୍ତମାନଙ୍କୁ 'କାଉଡ଼ିଆ' କୁହାଯାଏ। ଏହି କାଉଡ଼ିଆ ଭକ୍ତମାନେ ଗେରୁଆ ବସ୍ତ୍ର ପରିଧାନ ପୂର୍ବକ କାନ୍ଧରେ କଳସୀ ଭାର ଧରି ନିଷ୍ଠାର ସହିତ ସଂପୂର୍ଣ୍ଣ ପଥ ଖୋଲା ପାଦରେ ଅତିକ୍ରମ କରିଥାନ୍ତି । କେହି କେହି ଗୋମୁଖ ଓ ଗଙ୍ଗୋତ୍ରୀରୁ ଗଙ୍ଗା ଜଳ ଆଣିଥିବା ବେଳେ ଅନ୍ୟମାନେ ସ୍ଥାନୀୟ ପାବନ ଶିବ ମନ୍ଦିର ନିକଟସ୍ଥ ପବିତ୍ର ନଦୀ ପାଖରୁ ଜଳ ଆଣିଥାନ୍ତି। ଆମ ଓଡିଶାର ଅଧିକାଂଶ ଭକ୍ତ କଟକ ସ୍ଥିତ ମହାନଦୀର ଗଡ଼ଗଡ଼ିଆ ଘାଟରୁ ପାଣି ଆଣି ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରରେ ଢ଼ାଳିଥାନ୍ତି । ସେ'ପରି ଗଞ୍ଜାମ ଜିଲ୍ଲା ପବିତ୍ରା ଋଷିକୂଲ୍ୟା ନଦୀରୁ ଜଳ ନେଇ ଅନେକ ଶିବାଳୟକୁ ଯାଇଥାନ୍ତି। ଏହା ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନ ଯଥା, ପୁରୀର ଲୋକନାଥ ମନ୍ଦିରରେ, ଆଖଣ୍ଡଳମଣି ମନ୍ଦିରରେ, ଢେଙ୍କାନାଳର କପିଳାସ ଶିବ ମନ୍ଦିର ଆଦିରେ ମଧ୍ୟ ଭକ୍ତମାନେ ପାଣି ଢାଳନ୍ତି । ଶ୍ରାବଣ ମାସରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କୁ ଭକ୍ତି ସହକାରେ ପୂଜାକଲେ, ପୂଜାର ଫଳ ହଜାର ଗୁଣ ମିଳିବା ସହ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ହୋଇଥାଏ।

# ଓମ୍‌ର ରହସ୍ୟ ଓ ଏହା ମନୁଷ୍ୟ ପାଇଁ କେତେ ଆବଶ୍ୟକ




ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ମନକୁ ନିୟନ୍ତ୍ରଣ କରିବା ଏବଂ ଶବ୍ଦ ଉଚ୍ଚାରଣ କରିବା କାର୍ଯ୍ୟକୁ ମନ୍ତ୍ର କୁହାଯାଏ। ମନ୍ତ୍ର ବିଜ୍ଞାନର ଆମ ମନ ଏବଂ ଶରୀର ଉପରେ ସବୁଠାରୁ ଅଧିକ ପ୍ରଭାବ ପଡ଼ିଥାଏ। ମନ୍ତ୍ର ଜପ ଏକ ମାନସିକ କାର୍ଯ୍ୟକଳାପ। କୁହାଯାଏ ଯେ ମନ ଯେପରି ଅଛି ସେହିପରି। ଅର୍ଥାତ୍, ଯଦି ଆମେ ମାନସିକ ଭାବରେ ସୁସ୍ଥ ରହିବୁ, ତେବେ ଆମର ଶରୀର ମଧ୍ୟ ସୁସ୍ଥ ରହିବ। ସୁସ୍ଥ ମନ ବଜାୟ ରଖିବା ପାଇଁ ମନ୍ତ୍ର ଜପ କରିବା ଅତ୍ୟାବଶ୍ୟକ। ଓମ୍ ତିନୋଟି ଅକ୍ଷରରେ ଗଠିତ। ଅ, ଉ ଏବଂ ମ ଦ୍ୱାରା ଗଠିତ ଏହି ଶବ୍ଦ ସର୍ବଶକ୍ତିମାନ। କେବଳ ଓମ୍ ଉଚ୍ଚାରଣ କରିବା, ଯାହା ଆମକୁ ବଞ୍ଚିବାର ଶକ୍ତି ଏବଂ ଜଗତର ଚ୍ୟାଲେଞ୍ଜର ସମ୍ମୁଖୀନ ହେବାର ଅଦମ୍ୟ ସାହସ ପ୍ରଦାନ କରେ, ବିଭିନ୍ନ ସମସ୍ୟା ଏବଂ ରୋଗକୁ ନଷ୍ଟ କରେ। ସୃଷ୍ଟିର ଆରମ୍ଭରେ, ଏକ ଶବ୍ଦ, ଓମ୍, ପ୍ରତିଧ୍ୱନିତ ହୋଇଥିଲା ଏବଂ ଏହାର ପ୍ରତିଧ୍ୱନି ସମଗ୍ର ବ୍ରହ୍ମାଣ୍ଡରେ ବ୍ୟାପିଥିଲା। ପୁରାଣ ବର୍ଣ୍ଣନା କରେ ଯେ ଏହି ଶବ୍ଦରୁ ଭଗବାନ ଶିବ, ବିଷ୍ଣୁ ଏବଂ ବ୍ରହ୍ମା ଆବିର୍ଭାବ ହୋଇଥିଲେ। ତେଣୁ, ଓମ୍‌କୁ ସମସ୍ତ ମନ୍ତ୍ରର ବୀଜ ମନ୍ତ୍ର ଏବଂ ଶବ୍ଦ ଏବଂ ଶବ୍ଦର ଜନନୀ କୁହାଯାଏ। କୁହାଯାଏ ଯେ କେବଳ ନିୟମିତ ଭାବରେ ଓମ୍ ଶବ୍ଦ ଜପ କରିବା ଦ୍ୱାରା ଶରୀର ଭିତରେ ଆତ୍ମା ଜାଗ୍ରତ ହୁଏ ଏବଂ ରୋଗ ଏବଂ ଚାପରୁ ମୁକ୍ତି ମିଳିଥାଏ। ତେଣୁ, ଧାର୍ମିକ ଗୁରୁମାନେ ଓମ୍ ଜପ କରିବାକୁ ପରାମର୍ଶ ଦିଅନ୍ତି। ବାସ୍ତୁ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଓମ୍ ବ୍ୟବହାର କରିବା ଦ୍ୱାରା ଘରେ ବାସ୍ତୁ ଦୋଷ ମଧ୍ୟ ଦୂର ହୋଇପାରେ।

ଓମ୍ ମନ୍ତ୍ରକୁ ବ୍ରହ୍ମାଣ୍ଡର ଅବତାର ଭାବରେ ବିବେଚନା କରାଯାଏ। ଧାର୍ମିକ ଭାବରେ, ଏହା ବିଶ୍ୱାସ କରାଯାଏ ଯେ ତିନି ଦେବତା ଓମ୍ ରେ ବାସ କରନ୍ତି, ତେଣୁ ଏହି ମନ୍ତ୍ରକୁ ଅନ୍ୟ ସମସ୍ତ ମନ୍ତ୍ର ପୂର୍ବରୁ ଜପ କରାଯାଏ, ଯେପରିକି ଓମ୍ ନମୋ ଭଗବତେ ବାସୁଦେବ, ଓମ୍ ନମଃ ଶିବାୟ। ଆଧ୍ୟାତ୍ମିକ ଭାବରେ, ଏହା ବିଶ୍ୱାସ କରାଯାଏ ଯେ ନିୟମିତ ଭାବରେ ଓମ୍ ମନ୍ତ୍ର ଜପ କରିବା ଦ୍ୱାରା ବ୍ୟକ୍ତିର ଶରୀର ଏବଂ ମନ ଶୁଦ୍ଧ ହୁଏ ଏବଂ ମନର ଶାନ୍ତି ଆଣେ। ଓମ୍ ମନ୍ତ୍ର ଜପ କରିବା ଦ୍ୱାରା ବ୍ୟକ୍ତି ଈଶ୍ୱରଙ୍କ ନିକଟତର ହୁଏ ଏବଂ ମୁକ୍ତି ପାଇଁ ଯୋଗ୍ୟ ହୁଏ। ଏକମତ ଅଛି ଯେ ଓମ୍ ହେଉଛି ଈଶ୍ୱରଙ୍କ ପ୍ରାଥମିକ ନାମ। ଏହା ଯୋଗ ଦର୍ଶନରେ ସ୍ପଷ୍ଟ। ଓମ୍ ଶବ୍ଦ ତିନୋଟି ଅକ୍ଷରରେ ଗଠିତ: ଅ, ଉ, ଏବଂ ମ। ପ୍ରତ୍ୟେକ ଅକ୍ଷର ଈଶ୍ୱରଙ୍କ ଏକ ଭିନ୍ନ ନାମକୁ ପ୍ରତିନିଧିତ୍ୱ କରେ। ଉଦାହରଣ ସ୍ୱରୂପ, 'ଅ' ସର୍ବବ୍ୟାପୀ, ବିଶ୍ୱବ୍ୟାପୀ ଏବଂ ଉପାସନା ଯୋଗ୍ୟ। 'ଉ' ବୁଦ୍ଧିମାନ, ସୂକ୍ଷ୍ମ, ସମସ୍ତ ମଙ୍ଗଳର ଉତ୍ସ ଏବଂ ଶାସନ କରୁଥିବା ବ୍ୟକ୍ତିଙ୍କୁ ପ୍ରତିନିଧିତ୍ୱ କରେ। 'ମ' ଅନନ୍ତ, ଅମର, ଜ୍ଞାନୀ ଏବଂ ପ୍ରତିପାଳନକାରୀଙ୍କୁ ପ୍ରତିନିଧିତ୍ୱ କରେ। ଏଗୁଡ଼ିକ କେବଳ ଓମ୍ ର ପ୍ରତ୍ୟେକ ଅକ୍ଷରରୁ ବୁଝିହେବାର କିଛି ଉଦାହରଣ। ପ୍ରକୃତରେ, ଅନନ୍ତ ଈଶ୍ୱରଙ୍କ ଅଗଣିତ ନାମ ଏହି ଗୋଟିଏ ଓମ୍ ଶବ୍ଦରେ ଧାରଣ କରାଯାଇପାରିବ, ଆଉ କିଛି ନୁହେଁ। ବାରମ୍ବାର ଓମ୍ ପାଠ କରିବା ଦ୍ୱାରା ସମଗ୍ର ଶରୀର ଚାପରୁ ମୁକ୍ତି ମିଳିଥାଏ। ଯଦି ନର୍ଭସ କିମ୍ବା ଅଧୈର୍ଯ୍ୟ ଅନୁଭବ କରନ୍ତି, ତେବେ ଓମ୍ ଜପ କରିବା ଅପେକ୍ଷା ଭଲ କିଛି ନାହିଁ ! ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରେ, ଚାପ ଦ୍ୱାରା ଉତ୍ପାଦିତ ପଦାର୍ଥକୁ ନିୟନ୍ତ୍ରଣ କରେ। ଏହା ହୃଦୟ ଏବଂ ରକ୍ତ ପ୍ରବାହକୁ ସନ୍ତୁଳିତ କରେ। ଏହା ପାଚନକୁ ଉନ୍ନତ କରେ। ଏହା ଶରୀରରେ ଯୁବ ଜୀବନଶକ୍ତି ଫେରାଇ ଆଣେ। ଥକାପଣକୁ ରୋକିବାର ଏହାଠାରୁ ଭଲ ଉପାୟ ଆଉ କିଛି ନାହିଁ। ଏହି ଉପଚାର କିଛି ସମୟ ମଧ୍ୟରେ ଅନିଦ୍ରା ଦୂର କରିପାରେ। ରାତିରେ ଶୋଇବା ପର୍ଯ୍ୟନ୍ତ ମନରେ ଏହାକୁ ପାଠ କରିବା ଦ୍ୱାରା ସୁନିଦ୍ରା ହୋଇଥାଏ । କିଛି ପ୍ରାଣାୟମ ବ୍ୟାୟାମ ସହିତ ଏହାକୁ ଅଭ୍ୟାସ କରିବା ଫୁସଫୁସକୁ ଶକ୍ତିଶାଳୀ କରେ।

ଓମ୍‌ର ଉଚ୍ଚାରଣ ପଦ୍ଧତିର ମହତ୍ୱ ବହୁତ୍। ସକାଳେ ଉଠି ନିଜକୁ ପବିତ୍ର କରିବା ପାଇଁ ଓମକାର ଧ୍ୱନି ଜପ କରିଲେ ଅତି ଉତ୍ତମ ହୋଇଥାଏ । ପଦ୍ମାସନ, ଅର୍ଦ୍ଧପଦ୍ମାସନ, ସୁଖାସନ କିମ୍ବା ବଜ୍ରାସନରେ ବସି ଓମ୍ ଜପ କରିବା ଉଚିତ୍ । ନିଜର ସୁବିଧା ଅନୁସାରେ ଆପଣ ଏହାକୁ ୫, ୭, ୧୦ କିମ୍ବା ୨୧ ଥର ଜପ କରିଲେ ଶୁଭ ହୋଇଥାଏ । ଜୋରରେ କିମ୍ବା ଧୀରେ ଧୀରେ ଓମ୍ ଜପ କରିବା ଉଚିତ୍ । ଜପମାଳା ସହିତ ମଧ୍ୟ ଓମ୍ ଜପ କରିଲେ ଖୁବ୍ ଶୁଭ ମିଳିଥାଏ। ଏହା ଶରୀର ଏବଂ ମନକୁ ଏକାଗ୍ର କରିବାରେ ସାହାଯ୍ୟ କରେ। ଏହା ହୃଦସ୍ପନ୍ଦନ ଏବଂ ରକ୍ତ ସଞ୍ଚାଳନକୁ ନିୟନ୍ତ୍ରଣ କରେ। ଏହା ମାନସିକ ରୋଗକୁ ଦୂର କରେ। ଏହା କାର୍ଯ୍ୟ କ୍ଷମତା ବୃଦ୍ଧି କରେ। ଜପକାରୀ ଏବଂ ଶ୍ରୋତା ଉଭୟଙ୍କୁ ଲାଭ ଦିଏ। ଏହାର ଉଚ୍ଚାରଣରେ ପବିତ୍ରତା ବଜାୟ ରହେ। ଓମ୍ ଶରୀରରେ ଆବେଗର ଉତ୍ଥାନ-ପ୍ରବାହ ତ୍ୱରାନ୍ୱିତ କରେ। ସୁନ୍ଦର କିମ୍ବା ଅପ୍ରିୟ ଶବ୍ଦର ଶବ୍ଦ ଶ୍ରୋତା ଏବଂ ବକ୍ତା ଉଭୟଙ୍କ ମଧ୍ୟରେ ଆନନ୍ଦ, ଦୁଃଖ, କ୍ରୋଧ, ଘୃଣା, ଭୟ ଏବଂ ଯୌନ ଇଚ୍ଛାର ଆବେଗ ଜାଗ୍ରତ କରେ। ମସ୍ତିଷ୍କରେ କାମନା, କ୍ରୋଧ, ଆସକ୍ତି, ଭୟ, ଲୋଭ ଇତ୍ୟାଦି ଭାବନାକୁ ଉତ୍ତେଜିତ କରୁଥିବା ଅପ୍ରିୟ ଶବ୍ଦର ଶବ୍ଦ ହୃଦସ୍ପନ୍ଦନକୁ ବୃଦ୍ଧି କରେ, ଯାହା ଫଳରେ ରକ୍ତରେ ବିଷାକ୍ତ ପଦାର୍ଥ ଉତ୍ପାଦନ ହୁଏ। ସେହିପରି, ସୁଖଦ ଏବଂ ଶୁଭ ଶବ୍ଦର ଶବ୍ଦ ମସ୍ତିଷ୍କ, ହୃଦୟ ଏବଂ ରକ୍ତରେ ଅମୃତ ପରି ରାସାୟନିକ ପଦାର୍ଥ ବର୍ଷା କରିଥାଏ। ଅତି କମରେ ୧୦୮ ଥର ଓମ୍ ପାଠ କରିବା ଦ୍ୱାରା ସମଗ୍ର ଶରୀର ଚାପରୁ ମୁକ୍ତି ମିଳିଥାଏ। କିଛି ଦିନ ମଧ୍ୟରେ, ଶରୀରରେ ଏକ ନୂତନ ଶକ୍ତି ପ୍ରବାହିତ ହେବା ଆରମ୍ଭ ହୁଏ। ଓମ୍ ଜପ କରିବା ଦ୍ୱାରା ପ୍ରକୃତି ସହିତ ଉତ୍ତମ ସମନ୍ୱୟ ଏବଂ ନିୟନ୍ତ୍ରଣ ସ୍ଥାପନ ହୁଏ, ଯାହା ଫଳରେ ଆମକୁ ପ୍ରାକୃତିକ ଶକ୍ତି ପ୍ରଦାନ କରେ। ଓମ୍ ଜପ କରିବା ଦ୍ୱାରା ଆମେ ପରିସ୍ଥିତିର ପୂର୍ବାନୁମାନ କରିବାରେ ସାହାଯ୍ୟ କରେ। ଓମ୍ ପାଠ କରିବା ଦ୍ୱାରା ଆଚରଣରେ ଭଦ୍ରତା ଆସିଥାଏ, ଶତ୍ରୁମାନଙ୍କୁ ମଧ୍ୟ ବନ୍ଧୁରେ ପରିଣତ କରି ହୁଏ । ଓମ୍ ଜପ କରିବା ଦ୍ୱାରା ହତାଶାର ଭାବନାକୁ ରୋକାଯାଏ। ଆତ୍ମହତ୍ୟା ଭଳି ଚିନ୍ତାଧାରା ମଧ୍ୟ ମନକୁ ଆସେ ନାହିଁ। ଯେଉଁ ପିଲାମାନେ ସେମାନଙ୍କର ପାଠପଢ଼ାରେ ଧ୍ୟାନ ଦିଅନ୍ତି ନାହିଁ କିମ୍ବା ଦୁର୍ବଳ ସ୍ମୃତିଶକ୍ତି ଧାରଣ କରନ୍ତି, ଯଦି ସେମାନଙ୍କୁ ନିୟମିତ ଭାବରେ ଓମ୍ ଜପ କରିଲେ ଏକାଗ୍ରତା ଆସିଥାଏ , ସେମାନଙ୍କର ସ୍ମୃତିଶକ୍ତି ଉନ୍ନତ ହୋଇଥାଏ ଏବଂ ସେମାନେ ମଧ୍ୟ ସେମାନଙ୍କ ପାଠପଢ଼ାରେ ଅଧିକ ଆଗ୍ରହୀ ହୋଇଥାନ୍ତି ।

# ଅଟିଜିମ୍: ଶୀଘ୍ର ଚିହ୍ନଟ, ଉପଯୁକ୍ତ ଆୟୁର୍ବେଦିକ ଚିକିତ୍ସା ଓ ଯତ୍ନରେ ଶିଶୁର ଉଜ୍ଜ୍ୱଳ ଭବିଷ୍ୟତ



ଡା. ଦୁର୍ଗାପ୍ରସାଦ ଦାଶ
ପ୍ରଫେସର
ଶିଶୁରୋଗ ବିଭାଗାଧ୍ୟକ୍ଷ,
ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ,
କଟକ

ଆଜିର ସମାଜରେ ଶିଶୁମାନଙ୍କ ମଧ୍ୟରେ ବିକାଶଜନିତ ସମସ୍ୟା ବୃଦ୍ଧି ପାଉଥିବା ବେଳେଅଟିଜିମ୍ ସ୍ପେକ୍ଟ୍ରମ୍ ଡିସଅର୍ଡର (Autism Spectrum Disorder-ASD) ଏକ ଗୁରୁତ୍ୱପୂର୍ଣ୍ଣ ଓ ବହୁ ଆଲୋଚିତ ବିଷୟ ପାଲଟିଛି। ଅନେକ ଅଭିଭାବକ ଶିଶୁର କଥା କହିବାରେ ବିଳମ୍ବ, ନାମ ଡାକିଲେ ନ ଶୁଣିବା କିମ୍ବା ଏକାକୀ ରହିବା ଭଳି ଲକ୍ଷଣ ଦେଖି ଚିନ୍ତିତ ହୁଅନ୍ତି, କିନ୍ତୁ ସଚେତନତାର ଅଭାବରୁ ସମୟରେ ଚିକିତ୍ସା ଆରମ୍ଭ ହୋଇପାରେ ନାହିଁ। ତେଣୁ ଅଟିଜିମ୍ ସମ୍ପର୍କରେ ସଠିକ୍ ଜ୍ଞାନ ଓ ସଚେତନତା ଆଜିର ସମୟର ଆବଶ୍ୟକତା।

ଅଟିଜିମ୍ କୌଣସି ମାନସିକ ରୋଗ, ପାଗଳାମି କିମ୍ବା ସଂକ୍ରାମକ ରୋଗ ନୁହେଁ। ଏହା ଶିଶୁର ମସ୍ତିଷ୍କର ବିକାଶ ସହ ସମ୍ପର୍କିତ ଏକ ଅବସ୍ଥା, ଯେଉଁଥିରେ ଶିଶୁର ସାମାଜିକ ସମ୍ପର୍କ, କଥାବାର୍ତ୍ତା, ଭାଷା, ବ୍ୟବହାର ଓ ଶିଖିବାର ଧାରା ଅନ୍ୟ ଶିଶୁମାନଙ୍କଠାରୁ ଭିନ୍ନ ହୋଇଥାଏ। 'ସ୍ପେକ୍ଟ୍ରମ୍' ଶବ୍ଦଟିର ଅର୍ଥ ହେଉଛି ପ୍ରତ୍ୟେକ ଶିଶୁର ଲକ୍ଷଣ ଓ ତୀବ୍ରତା ଭିନ୍ନ ହୋଇପାରେ। କେତେକ ଶିଶୁ ସାମାନ୍ୟ ସହାୟତାରେ ସ୍ୱାବଲମ୍ବୀ ହୋଇପାରନ୍ତି, ଆଉ କେତେକଙ୍କୁ ଦୀର୍ଘ ସମୟ ଧରି ବିଶେଷ ଯତ୍ନ ଆବଶ୍ୟକ ହୁଏ। ବର୍ତ୍ତମାନ ବିଶ୍ୱରେ ପ୍ରାୟ ପ୍ରତି ୩୬ ଜଣ ଶିଶୁଙ୍କ ମଧ୍ୟରୁ ଜଣେ ଅଟିଜିମ୍‌ରେ ପ୍ରଭାବିତ ହେଉଥିବା ଆକଳନ କରାଯାଇଛି। ପୁଅ ଶିଶୁମାନଙ୍କ ମଧ୍ୟରେ ଏହା ଝିଅମାନଙ୍କ ତୁଳନାରେ ଅଧିକ ଦେଖାଯାଏ। ଏହାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିଲେ ମଧ୍ୟ ବଂଶଗତ କାରଣ, ଗର୍ଭାବସ୍ଥାର କିଛି ଜଟିଳତା, ଅପରିପକ୍ୱ ପ୍ରସବ ଓ କେତେକ ପରିବେଶଗତ କାରଣ ଏଥିରେ ଭୂମିକା ନେଇପାରେ। ଟୀକାକରଣ ଯୋଗୁଁ ଅଟିଜିମ୍ ହୁଏ ନାହିଁ। ଏହାକୁ ନେଇ ପ୍ରଚଳିତ ଭ୍ରାନ୍ତ ଧାରଣାର କୌଣସି ବୈଜ୍ଞାନିକ ଆଧାର ନାହିଁ। ଗର୍ଭାବସ୍ଥାରେ ମା' ମାନଙ୍କର ବହୁଳ ମୋବାଇଲ ବ୍ୟବହାର ଏହାର ଏକ କାରଣ ହୋଇପାରେ ।

ଅଟିଜିମ୍‌ର ପ୍ରାରମ୍ଭିକ ଲକ୍ଷଣ ଜୀବନର ପ୍ରଥମ ଦୁଇ ବର୍ଷ ମଧ୍ୟରେ ଦେଖାଯାଇପାରେ। ଶିଶୁ ଆଖିକୁ ଆଖି ମିଶାଇ ନ ଦେଖିବା, ନାମ ଡାକିଲେ ଉତ୍ତର ନ ଦେବା, କଥା କହିବାରେ ବିଳମ୍ବ, ଅନ୍ୟ ପିଲାଙ୍କ ସହ ଖେଳିବାରେ ଅନାଗ୍ରହ, ସମାନ କାମ ବାରମ୍ବାର କରିବା, ହାତ ହଲାଇବା, ଖେଳନାକୁ ଧାଡ଼ିରେ ସଜାଇବା, ଦୈନନ୍ଦିନ ଅଭ୍ୟାସରେ ସାମାନ୍ୟ ପରିବର୍ତ୍ତନକୁ ମଧ୍ୟ ସହିନପାରିବା ଇତ୍ୟାଦି ଲକ୍ଷଣ ଦେଖାଯାଇପାରେ। କେତେକ ଶିଶୁ ଜୋର ଶବ୍ଦ, ଆଲୋକ କିମ୍ବା ସ୍ପର୍ଶ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ଥା'ନ୍ତି, ଆଉ କେତେକଙ୍କର ବେଦନା ପ୍ରତି ଅନୁଭୂତି କମ୍ ଥାଏ। ଅଭିଭାବକମାନେ ଯଦି ଶିଶୁର ବିକାଶରେ ଏଭଳି ଭିନ୍ନତା ଦେଖନ୍ତି, ତେବେ 'ବଡ଼ ହେଲେ ଠିକ୍ ହୋଇଯିବ' ବୋଲି ଅପେକ୍ଷା ନକରି ଅଭିଜ୍ଞ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। ଅଟିଜିମ୍ ଯେତେ ଶୀଘ୍ର ଚିହ୍ନଟ ହୁଏ, ଚିକିତ୍ସାର ଫଳାଫଳ ସେତେ ଭଲ ହୁଏ। ଆଜିକାଲି ବିଭିନ୍ନ ପ୍ରକାର ମୂଲ୍ୟାଙ୍କନ ପଦ୍ଧତି ଓ ପ୍ରଶିକ୍ଷିତ ବିଶେଷଜ୍ଞଙ୍କ ସହାୟତାରେ ଅଟିଜିମ୍‌କୁ ସହଜରେ ଚିହ୍ନଟ କରାଯାଇପାରୁଛି। ଅଟିଜିମ୍‌ର କୌଣସି ଚମତ୍କାରୀ ଔଷଧ କିମ୍ବା ସ୍ଥାୟୀ ଉପଚାର ନାହିଁ। କିନ୍ତୁ ସମୟୋପଯୁକ୍ତଆୟୁର୍ବେଦୀୟ ପଞ୍ଚକର୍ମ ଚିକିତ୍ସା, ସ୍ପିଚ୍ ଥେରାପି, ଅକ୍ୟୁପେସନାଲ୍ ଥେରାପି, ବ୍ୟବହାରଗତ ଥେରାପି, ବିଶେଷ ଶିକ୍ଷା, ଫିଜିଓଥେରାପି ଏବଂ ଅଭିଭାବକଙ୍କ ସକ୍ରିୟ ଅଂଶଗ୍ରହଣଦ୍ୱାରା ଶିଶୁର ଭାଷା, ସାମାଜିକ ବ୍ୟବହାର, ଶିଖିବାର କ୍ଷମତା ଓ ଦୈନନ୍ଦିନ ଜୀବନ କୌଶଳରେ ଉଲ୍ଲେଖନୀୟ ସୁଧାର ଆଣିହେବ।

ଆୟୁର୍ବେଦରେ ଅଟିଜିମ୍ ନାମରେ କୌଣସି ସ୍ୱତନ୍ତ୍ର ରୋଗର ବର୍ଣ୍ଣନା ନଥିଲେ ମଧ୍ୟ, ଏହାର ଲକ୍ଷଣକୁ ମନ, ମସ୍ତିଷ୍କ ଓ ବାତ ଦୋଷର ଅସନ୍ତୁଳନ ସହ ସମ୍ପର୍କିତ ବୋଲି ବୁଝାଯାଏ। ରୋଗୀର ଅବସ୍ଥା ଅନୁଯାୟୀ ଅଭ୍ୟଙ୍ଗ, ଶିରୋଧାରା, ନସ୍ୟ, ମାତ୍ରା ବସ୍ତି, ଯୋଗ ବସ୍ତି, ଷଷ୍ଟିକ ଶାଳି ପିଣ୍ଡ ସ୍ୱେଦ, ମେଧ୍ୟ ରସାୟନ ଔଷଧ, ଯୋଗ, ପ୍ରାଣାୟାମ ଏବଂ ସତ୍ୱାବଜୟ ଚିକିତ୍ସା ଭଳି ପଦ୍ଧତି ପ୍ରଶିକ୍ଷିତ ଆୟୁର୍ବେଦ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ କରାଯାଇପାରେ। ଏହି ଚିକିତ୍ସାଗୁଡ଼ିକ ଶିଶୁର ଘୁମ, ଏକାଗ୍ରତା, ମାନସିକ ଶାନ୍ତି ଓ ସାମଗ୍ରିକ ସୁସ୍ଥତା ବୃଦ୍ଧିରେ ସହାୟକ ହୋଇପାରେ। ତେବେ ଆୟୁର୍ବେଦ ଚିକିତ୍ସାକୁ ଆଧୁନିକ ବିକାଶମୂଳକ ଥେରାପିର ବିକଳ୍ପ ଭାବେ ନୁହେଁ, ବରଂ ଏକ ପରିପୂରକ ଚିକିତ୍ସା ପଦ୍ଧତି ଭାବରେ ଗ୍ରହଣ କରିବା ଉଚିତ।

ଅଟିଜିମ୍‌ରେ ପଞ୍ଚକର୍ମ ଚିକିତ୍ସା କାହିଁକି ଆବଶ୍ୟକ ?

ଆୟୁର୍ବେଦ ଅନୁସାରେ ଅଟିଜିମ୍‌ରେ ବାତ ଦୋଷ, ମନୋବହ ସ୍ରୋତସ, ମସ୍ତିଷ୍କର କାର୍ଯ୍ୟ, ଏବଂ ଧୀ (ବୁଦ୍ଧି), ଧୃତି (ଧୈର୍ଯ୍ୟ), ସ୍ମୃତି (ସ୍ମରଣଶକ୍ତି)ର ବିକୃତି ଦେଖାଯାଏ। ତେଣୁ କେବଳ ଔଷଧ ନୁହେଁ, ପଞ୍ଚକର୍ମ ଚିକିତ୍ସା ମଧ୍ୟ ଏହାର ପରିଚାଳନାରେ ଅତ୍ୟନ୍ତ ଉପକାରୀ ହୋଇପାରେ।

ଅଭ୍ୟଙ୍ଗ (ଔଷଧୀୟ ତୈଳ ମାଲିସ): ଅଭ୍ୟଙ୍ଗ ହେଉଛି ଅଟିଜିମ୍ ଚିକିତ୍ସାର ପ୍ରଥମ ପଦକ୍ଷେପ। ବଳାଅଶ୍ୱଗନ୍ଧାଦି ତୈଳ, ଚନ୍ଦନବଳାଲକ୍ଷାଦି ତୈଳ, କର୍ପୂରାଦି ତୈଳ ଆଦିର ଉପଯୋଗ ହୁଏ । ଏହି ଅଭ୍ୟଙ୍ଗସ୍ନାୟୁକୁ ଶକ୍ତିଶାଳୀ କରେ।, ଶରୀରର ଜଡତା ଓ କଠିନତା କମାଏ।, ଶିଶୁକୁ ଶାନ୍ତ କରେ।, ସ୍ପର୍ଶ ଅନୁଭୂତି (Sensory Integration)ରେ ସୁଧାର ଆଣେ। ଭଲ ନିଦ୍ରାରେ ସାହାଯ୍ୟ କରେ।

ଷଷ୍ଟିକ ଶାଳି ପିଣ୍ଡ ସ୍ୱେଦ: ଏହା ଏକ ବିଶେଷ ପ୍ରକାରର ପୋଷକ ସ୍ୱେଦନ। ଔଷଧୀୟ କ୍ଷୀର ଓ ବଳାମୂଳ କ୍ୱାଥରେ ସିଝାଇଥିବା ଷଷ୍ଟିକ ଶାଳି ଚାଉଳର ପୋଟଳୀ ଦ୍ୱାରା ସମଗ୍ର ଶରୀରକୁ ସ୍ୱେଦନ କରାଯାଏ। ଏହା ମାଂସପେଶୀକୁ ଶକ୍ତି ଦିଏ। ସ୍ନାୟୁକୁ ପୋଷଣ କରେ, ଶରୀରର ଚଳନ କ୍ଷମତା ବଢ଼ାଏ, ଶିଶୁର ଶାରୀରିକ ବିକାଶରେ ସହାୟକ ହୁଏ, ତଥା ବାତ ଦୋଷ ଶମନ କରେ।

ଯୋଗ ବସ୍ତି: ଆୟୁର୍ବେଦରେ ବସ୍ତିକୁ ବାତ ରୋଗର ଶ୍ରେଷ୍ଠ ଚିକିତ୍ସା ବୋଲି କୁହାଯାଇଛି। ଅଟିଜିମ୍‌ରେ ଏହା ଅତ୍ୟନ୍ତ ଲାଭଦାୟକ ବୋଲି ବିଚାର କରାଯାଏ। ଦୁଇ ପ୍ରକାର ବସ୍ତିର ମିଶ୍ରଣରେ ଆଠ ଦିନ ପର୍ଯ୍ୟନ୍ତ ପ୍ରୟୋଗକୁ ଯୋଗ ବସ୍ତି କୁହାଯାଏ।

(କ) ଅନୁବାସନ ବସ୍ତି: ଘୃତ ବ୍ୟବହାର କରାଯାଇଥାଏ; ଆୟୁର୍ବେଦ ଅନୁସାରେ ବ୍ରାହ୍ମୀ ଘୃତ, ଷଟପଳ ଘୃତ, ସଂବର୍ଦ୍ଧନ ଘୃତ, କଲ୍ୟାଣକ ଘୃତ ଆଦି ପ୍ରୟୋଗ କରାଯାଇପାରେ। ଏହି ଚିକିତ୍ସା ମସ୍ତିଷ୍କକୁ ପୋଷଣ କରେ, ସ୍ମରଣଶକ୍ତି ବଢ଼ାଏ, ଧ୍ୟାନ ଓ ଏକାଗ୍ରତାରେ ସୁଧାର ଆଣେ। ଶିଶୁକୁ ଶାନ୍ତ କରେ। (ଖ) ନିରୂହ ବସ୍ତି: ମୁସ୍ତାଦି ରାଜୟାପନ ବସ୍ତି, ଦଶମୂଳ କ୍ୱାଥ ବସ୍ତି ଆଦି ରୋଗର ଅଂଶାଂଶ କଳ୍ପନା କରି ପ୍ରୟୋଗ କରାଯାଏ। ଏହାବାତ ଦୋଷକୁ ନିୟନ୍ତ୍ରଣ କରେ, ସ୍ନାୟୁତନ୍ତ୍ରକୁ ସୁଦୃଢ଼ କରେ, ଶରୀରର ବିକାଶରେ ସହାୟକ ହୁଏ, ମାନସିକ ଓ ଶାରୀରିକ କ୍ଷମତାରେ ଉନ୍ନତି ଆଣେ। ନସ୍ୟ: ନାକ ଦ୍ୱାରା ଔଷଧୀୟ ତୈଳ ପ୍ରୟୋଗକୁ ନସ୍ୟ କୁହାଯାଏ।ଜ୍ୟୋତିଷ୍ମତୀ ତୈଳ, ଅଣୁ ତୈଳ ଆଦି ମସ୍ତିଷ୍କର କାର୍ଯ୍ୟକ୍ଷମତା ବଢ଼ାଏ। କଥାବାର୍ତ୍ତା ଓ ଭାଷା ବିକାଶରେ ସହାୟକ ହୋଇପାରେ। ଧ୍ୟାନ ଓ ଏକାଗ୍ରତାରେ ସୁଧାର ଆଣେ। ସ୍ମରଣଶକ୍ତି ବୃଦ୍ଧିରେ ସହାୟକ ହୁଏ ତଥା ଚିଡ଼ଚିଡ଼ାପଣ କମାଇବାରେ ସହଯୋଗ କରେ।

ଶିରୋଧାରା: ଶିରୋଧାରାରେ ନିରନ୍ତର ଭାବରେ ମୁଣ୍ଡ ଉପରେ ଔଷଧୀୟ ତୈଳ ଧାରା ଦିଆଯାଏ। ବ୍ରାହ୍ମୀ ତୈଳ, ଶିରୋଧରା ତୈଳ ଆଦିର ପ୍ରୟୋଗ ହୁଏ। ଏହି ଚିକିତ୍ସା ମନକୁ ଶାନ୍ତ କରେ। ନିଦ୍ରାର ଉନ୍ନତି କରେ। ଅତିସକ୍ରିୟତା (Hyperactivity) କମାଏ। ଚିନ୍ତା, ଅସ୍ଥିରତା ଓ ରାଗ କମାଇବାରେ ସହାୟକ ହୁଏ। ଏକାଗ୍ରତା ବୃଦ୍ଧି କରେ। ଚିକିତ୍ସାର ଅବଧି: ଅଟିଜିମ୍ ଏକ ଦୀର୍ଘକାଳୀନ ସ୍ନାୟୁ-ବିକାଶଜନିତ ଅବସ୍ଥା। ତେଣୁ ଆୟୁର୍ବେଦିକ ପଞ୍ଚକର୍ମ ଚିକିତ୍ସାକୁ ରୋଗୀର ବୟସ, ଲକ୍ଷଣ ଓ ଅବସ୍ଥା ଅନୁଯାୟୀ ଦୀର୍ଘ ସମୟ ଧରି (ଯଥା ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ), ମଧ୍ୟେ ମଧ୍ୟେ ନିର୍ଦ୍ଧାରିତ କୋର୍ସ ଆକାରରେ, ଚିକିତ୍ସକଙ୍କ ତତ୍ତ୍ୱାବଧାନରେ କରାଯାଇଥାଏ । ଏହା ସହିତ ଆୟୁର୍ବେଦିକ ଔଷଧ, ଯୋଗ, ପ୍ରାଣାୟାମ, ସ୍ପିଚ୍ ଥେରାପି, ଅକ୍ୟୁପେସନାଲ୍ ଥେରାପି, ବିହେଭିଅର ଥେରାପି ଓ ଅଭିଭାବକ ପ୍ରଶିକ୍ଷଣକୁ ସମନ୍ୱୟ କରିବା ଅଧିକ ଉପକାରୀ ହୋଇଥାଏ। ଅଟିଜିମ୍ ଥିବା ଅନେକ ଶିଶୁଙ୍କର ଅସାଧାରଣ ସ୍ମୃତିଶକ୍ତି, ସଙ୍ଗୀତ, ଚିତ୍ରକଳା, ଗଣିତ କିମ୍ବା କମ୍ପ୍ୟୁଟର କ୍ଷେତ୍ରରେ ବିଶେଷ ପ୍ରତିଭା ରହିଥାଏ। ତେଣୁ ସେମାନଙ୍କୁ ଅକ୍ଷମ କିମ୍ବା ଅବହେଳିତ ଭାବିବା ପରିବର୍ତ୍ତେ ସେମାନଙ୍କ ଦକ୍ଷତାକୁ ଚିହ୍ନଟ କରି ବିକାଶର ସୁଯୋଗ ଦେବା ଆମ ସମସ୍ତଙ୍କର ଦାୟିତ୍ୱ। ଅଟିଜିମ୍ କେବଳ ଗୋଟିଏ ପରିବାରର ସମସ୍ୟା ନୁହେଁ, ଏହା ଏକ ସାମାଜିକ ଦାୟିତ୍ୱ। ପରିବାର, ଶିକ୍ଷକ, ଚିକିତ୍ସକ, ଥେରାପିଷ୍ଟ ଏବଂ ସମାଜ ସମସ୍ତେ ମିଳି କାମ କଲେ ଏହି ଶିଶୁମାନେ ମଧ୍ୟ ଆତ୍ମବିଶ୍ୱାସର ସହ ସମାଜରେ ସମ୍ମାନର ସହିତ ବଞ୍ଚିପାରିବେ। ସଚେତନତା, ଶୀଘ୍ର ଚିହ୍ନଟ, ସମୟୋପଯୁକ୍ତ ଚିକିତ୍ସା ଏବଂ ନିରନ୍ତର ପ୍ରଶିକ୍ଷଣ ହିଁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ମୂଳମନ୍ତ୍ର।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ରାଷ୍ଟ୍ରପତିଙ୍କୁ ଭେଟିଲେ ଖେରୱାଲ୍ ବୀର ସଙ୍ଗଠନ ସଦସ୍ୟ



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗଞ୍ଜାମ ଗସ୍ତ ବେଳେ ଗୋଳନ୍ଥରା ସ୍ଥିତ ଆର୍ମି ଏଡ଼ି କଲେଜରେ ଯାତ୍ରୀ ଯାପନ ସମୟରେ ଗଞ୍ଜାମ ଜିଲ୍ଲାର ଖେରୱାଲ୍ ବୀର ସଙ୍ଗଠନର ସଦସ୍ୟମାନେ ରାଷ୍ଟ୍ରପତିଙ୍କ ସହ ସାକ୍ଷାତ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ସହକାରୀ ଅଧ୍ୟାପକ ସାଗର କୁମାର ମୁର୍ମୁଙ୍କ ପ୍ରତିନିଧିତ୍ୱରେ ସହକାରୀ ଯନ୍ତ୍ରୀ ବିକ୍ରମ ସୋରେନ୍, ବିଡ଼ିଓ ଲକ୍ଷ୍ମଣ ସୋରେନ୍, ବିଡ଼ିଏ ସଚିବ ରମେଶ ଚନ୍ଦ୍ର ହାଁସଦା, ଯୁଗ୍ମ ଶ୍ରମ ଆୟୁକ୍ତ ସୁମିତ୍ରା ମାଝୀ, ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି, ଚନ୍ଦ୍ରାୟ ମାରାଣ୍ଡି, ଜତୀନ୍ କୁମାର ସୋରେନ୍, ଡୋମନ୍ ହାଁସଦା, ଚୈତନ୍ୟ ହାଁସଦା, ଫୁରଗଲ ହାଁସଦା, ଅରୁଣ ମୁର୍ମୁ, ବାଲୁଲାଲ ହାଁସଦା, ଅନନ୍ତ ମୁର୍ମୁ ଓ ଦୁଖରାମ ମୁର୍ମୁଙ୍କ ସମେତ ଅନ୍ୟ ସଦସ୍ୟମାନେ ସାମିଲ ରହିଥିଲେ । ଏହି ଅବସରରେ ସଦସ୍ୟମାନେ ରାଷ୍ଟ୍ରପତିଙ୍କୁ ସାନ୍ତାଳୀ ଭାଷା ଓ ଓଲ୍ ଚିକି, ଲିପିର ସଂରକ୍ଷଣ, ପ୍ରଚାର ଓ ବିକାଶ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ କୃତଜ୍ଞତା ଜଣାଇଥିଲେ । ଗତ ୨୦୨୫ ଡ଼ିସେମ୍ବର ୨୫ରେ ରାଷ୍ଟ୍ରପତି ଭବନରେ ଭାରତୀୟ ସମ୍ବିଧାନର ସାନ୍ତାଳୀ ଅନୁବାଦର ଉନ୍ମୋଚନ, ଆଲ୍ ଚିକି ଲିପିର ୧୦୦ ବର୍ଷ ପୂର୍ତ୍ତି ଅବସରରେ ସ୍ମାରକ ମୁଦ୍ରା ଓ ଡାକ ଟିକେଟ୍ ଉନ୍ମୋଚନ, ୟୁପିଏସସି ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଅଲ୍‌ଚିକି ଲିପିକୁ ସୁବିଧା ପ୍ରଦାନ ନିଷ୍ପତି ଏବଂ ଓଲ୍‌ଚିକି ଲିପିରେ କୃତ୍ରିମ ବୁଦ୍ଧିମତା ଆଧାରିତ ଅନୁବାଦ ଓ ଭାଷା ପ୍ରଯୁକ୍ତିର ବିକାଶ ପ୍ରତି ରାଷ୍ଟ୍ରପତି ନେଇଥିବା ପଦକ୍ଷେପକୁ ସଙ୍ଗଠନ ପକ୍ଷରୁ ପ୍ରଶଂସା କରାଯାଇଥିଲା । ସଙ୍ଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ସାନ୍ତାଳ ସଂସ୍କୃତି ଓ ଓଡ଼ିଶାର ସମୃଦ୍ଧ କଳା ଐତିହ୍ୟର ପ୍ରତୀକ ସ୍ୱରୂପ ବିଶିଷ୍ଟ ଚିତ୍ରଶିଳ୍ପୀ ଦୀନବନ୍ଧୁ ସୋରେନ୍‌ଙ୍କ ଦ୍ୱାରା ନିର୍ମିତ ସାନ୍ତାଳୀ ଚିତ୍ରକଳା, ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚିତ୍ରକଳା ଏବଂ ବ୍ରହ୍ମପୁରର ପ୍ରସିଦ୍ଧ ବ୍ରହ୍ମପୁରୀ ପାଟ ଶାଢ଼ି ଉପହାର ପ୍ରଦାନ କରାଯାଇଥିଲା । ପ୍ରତିନିଧି ଦଳରେ ବ୍ରହ୍ମପୁରରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାର ମୂଳ ବାସିନ୍ଦା ସାନ୍ତାଳ ସମ୍ପ୍ରଦାୟର ସଦସ୍ୟମାନେ ସାମିଲ୍ ହୋଇଥିଲେ ।

# ୧୬ନଂ ଜାତୀୟ ରାଜପଥ ନିର୍ମାଣରେ ବିଳମ୍ବ:ଯାତ୍ରୀ ହଟହଟା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ଏନ୍.ଏଚ୍- ୧୬ ରାଜପଥ ରମ୍ଭା ରାସ୍ତା ସରକାରୀ ଅର୍ଥରେ ନିର୍ମାଣ ହେଉଥିବା ଓ ବିକାଶ ମୂଳକ କାର୍ଯ୍ୟ ପାଇଁ କେନ୍ଦ୍ର/ରାଜ୍ୟ ସରକାର କୋଟି କୋଟି ଟଙ୍କା ଜନସାଧାରଣଙ୍କ ସୁବିଧା ପାଇଁ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ଯୋଜନାର ସମନ୍ୱୟ ଅଭାବ, ନିମ୍ନମାନର କାର୍ଯ୍ୟ, ପ୍ରଶାସନିକ ଠିକାଦାରଙ୍କ ମଧୁ ଚନ୍ଦ୍ରିକା ଯୋଗୁ ସରକାରୀ ଅର୍ଥର ଅପଚୟ ହେଉଥିବା ଅଭିଯୋଗ ହୋଇଛି । କାମର ତଦାରଖ, ପ୍ରଶାସନିକ ଅବହେଳା ଓ ଦୂର ଦୃଷ୍ଟି ଅଭାବ ଯୋଗୁ ରାସ୍ତା ଖୋଳି କାମ ଚାଲିଥିବା ସତ୍ତ୍ୱେ ପଥଚାରୀ ଓ ଯାନବାହାନ ଚାଳକଙ୍କ ସୁରକ୍ଷା ପାଇଁ କୌଣସି ସତର୍କ ସୂଚନା ଫଳକ, ବ୍ୟାରିକେଡ଼ କିମ୍ବା ବିପଦ ସଂକେତ ଲଗାଯାଇନଥିବା ଅଭିଯୋଗ ହୋଇଛି । ଫଳରେ ବିଶେଷ କରି ରାତି ସମୟରେ ବାଇକ୍ ଚାଳକମାନେ ଅନ୍ଧାରରେ ରାସ୍ତା ଦେଖିନପାରି ଦୁର୍ଘଟଣାର ଶିକାର ହେଉଛନ୍ତି । ସ୍ଥାନୀୟ ଲୋକେ ଏହାକୁ ଅତ୍ୟନ୍ତ ବିପଦ ଜନକ ବୋଲି ଅଭିଯୋଗ ବାଢ଼ିଛନ୍ତି । ଏପରିକି ଗୋଟେ ପଟେ ନିର୍ମାଣ ଓ ରାସ୍ତା ସମ୍ପ୍ରସାରଣ ହେଉଥିବା ବେଳେ ଅନ୍ୟ ପଟେ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା ନଥିବା ଜଣାଯାଇଛି । ଦିନବେଳେ କାମ ଚାଲୁରହିଥିବା ବେଳେ ରାସ୍ତାରେ ବୃକ୍ଷ ରୋପଣ ନଥିବା ଧୂଳି, ଧୂଆଁରେ ରାସ୍ତା ଆଚ୍ଛାଦିତ ହୋଇ ବାଟୋଇ, ପଥଚାରୀ ଆଖିରେ ପଶୁଥିବା ଲକ୍ଷ୍ୟ କରାଯାଇଛି । ତତ୍ ସଙ୍ଗେ ସଙ୍ଗେ ପାର୍ଶ୍ୱବର୍ତ୍ତୀ ଝୁମ୍ପୁଡ଼ି ଦୋକାନ, ହୋଟେଲ ଓ ଘର ମାନଙ୍କରେ ଧୂଆଁ ଧୂଳି ପଶି ବ୍ୟାପକ ଅବ୍ୟବସ୍ଥା ସାଙ୍ଗକୁ ଦୋକାନ ବନ୍ଦ କରି ମହାଜନୀ ସ୍ଥାନାନ୍ତରିତ ହେଉଥିବା ସ୍ଥାନୀୟ ବସ୍ତି ବାସିନ୍ଦା ଜଣାଇଛନ୍ତି । ଉପରୋକ୍ତ ସମସ୍ୟାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ, କ୍ଷତିଗ୍ରସ୍ତ ରାସ୍ତାକୁ ପୂର୍ବାବସ୍ଥାକୁ ଫେରାଇବା ଏବଂ ଜନସାଧାରଣଙ୍କ ସୁରକ୍ଷା ସହ ଯାତାୟାତ ସୁବିଧା ସୁନିଶ୍ଚିତ କରିବାକୁ ଦାବି ଜୋର୍ ଧରିଛି ।

# ଶ୍ରାବଣୀ ଯାତ୍ରା ଅବସରରେ ଟି-ବ୍ରିଜ୍‌ରେ ଯାନବାହନ ଚଳାଚଳ ଉପରେ କଟକଣା

**କଟକ, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ସିଂହନାଥ ପୀଠରେ ହେଉଥିବା ଶ୍ରାବଣୀ ଯାତ୍ରା ତଥା ବୋଲ୍‌ବମ୍ ଯାତ୍ରା ଅବସରରେ ବିପୁଳ ସଂଖ୍ୟାରେ କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଯାନବାହନ ଚଳାଚଳ ଉପରେ ସ୍ୱତନ୍ତ୍ର କଟକଣା ଜାରି କରାଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଆଞ୍ଚଳିକ ସଡକ ପରିବହନ କର୍ତ୍ତୃପକ୍ଷ, ଅଧ୍ୟକ୍ଷ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ଅର୍ଥାତ୍ ୧୦.୦୮.୨୦୨୬ ପାଇଁ ୦୯ ଅଗଷ୍ଟ ମଧ୍ୟାହ୍ନ ୧୨ଟା ଠାରୁ ୧୦ ଅଗଷ୍ଟ ସନ୍ଧ୍ୟା ୬ଟା, ୧୭.୦୮.୨୦୨୬ ପାଇଁ ୧୬ ଅଗଷ୍ଟ ମଧ୍ୟାହ୍ନ ୧୨ଟା ଠାରୁ ୧୭ ଅଗଷ୍ଟ ସନ୍ଧ୍ୟା ୬ଟା ଏବଂ ୨୪.୦୮.୨୦୨୬ ପାଇଁ ୨୩ ଅଗଷ୍ଟ ମଧ୍ୟାହ୍ନ ୧୨ଟା ଠାରୁ ୨୪ ଅଗଷ୍ଟ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବଡମ୍ବା - ବଇଦେଶ୍ୱର ସଂଯୋଗ କରୁଥିବା ସମ୍ପୂର୍ଣ୍ଣ ଟି-ବ୍ରିଜ୍‌କୁ 'ନୋ ଭେଇକିଲ୍ ଜୋନ୍' ଭାବେ ଘୋଷଣା କରାଯାଇଛି । ସେହିପରି, ଏହି ସମୟ ମଧ୍ୟରେ ବଡ଼ମ୍ବା–ନରସିଂହପୁର ରାସ୍ତାର ଗୋପୀନାଥପୁର ଏବଂ ବାଙ୍କୀ–ବଇଦେଶ୍ୱର ରାସ୍ତାର ବଇଦେଶ୍ୱର ଛକରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ତେବେ ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନଗୁଡ଼ିକୁ ଏହି କଟକଣା ଅନ୍ତର୍ଭୁକ୍ତ କରାଯାଇନାହିଁ । ଶ୍ରଦ୍ଧାଳୁଙ୍କ ସୁରକ୍ଷା, ସୁବିଧାଜନକ ଦର୍ଶନ ବ୍ୟବସ୍ଥା ଏବଂ ଯାତାୟାତକୁ ସୁପରିଚାଳନା କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

# ଜିଲ୍ଲାପାଳଙ୍କ ରାଜସ୍ୱ ସମୀକ୍ଷା:ବାଲି ଓ ମଦ ଚୋରା ଚାଲାଣ ବନ୍ଦ ପାଇଁ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କ ରାଜସ୍ୱ ସମୀକ୍ଷା ବୈଠକ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସମସ୍ତ ତହସିଲଦାର, ପୋଲିସ ଅଧିକାରୀ, ଜିଲ୍ଲା ଖଣି ଅଧିକାରୀ, ଅବକାରୀ ଅଧିକ୍ଷକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ବେଆଇନ୍ ଭାବେ ଚାଲାଣ ହୋଇଥିବା ମାଟି, ବାଲି, ଗୋଡି ଗୁଡିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ଚାଲାଣରେ ସଂପୃକ୍ତ ଥିବା ଗାଡିଗୁଡିକ ଉପରେ ଜରିମାନା ଆଦାୟ କରିବା, ରାଜକନିକା, ରାଜନଗର ଅଞ୍ଚଳରେ ବେଆଇନ୍ ଚୁଙ୍ଗୁଡିଘେରୀକୁ ଭାଙ୍ଗିବା, ଜାତୀୟ ରାଜପଥ ଉପରେ ଗାଡି ପାର୍କିଂ କରୁଥିବା ଓ ଗାଡି ଗୁଡିକୁ ରାସ୍ତା ଉପରେ ଧୋଉଥିବା ଗାଡି ମାଲିକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ରାଜସ୍ୱ ଆଦାୟକୁ ଗୁରୁତ୍ୱ ଦେବା, ଆମ ଗାଁରେ ତହସିଲ୍ କାର୍ଯ୍ୟକ୍ରମରେ ପ୍ରତ୍ୟେକ ତହସିଲ୍ ଅଞ୍ଚଳରେ ତହସିଲ୍ ରଥ ବୁଲାଇ ଜନସାଧାରଣଙ୍କୁ ତହସିଲ୍ ଓ ରାଜସ୍ୱ ସମ୍ପର୍କିତ ସମସ୍ତ ବିଷୟରେ ସଚେତନ କରିବା ଏବଂ ରଥ ବୁଲୁଥିବା ସମୟରେ ଜନସାଧାରଣ ଆବେଦନ କରି ବିଭିନ୍ନ ପ୍ରମାଣପତ୍ର ତତ୍‌କ୍ଷଣ ପ୍ରଦାନ କରିବା, ରାଜସ୍ୱ ଦେୟ ଇତ୍ୟାଦି ଦେବା ସହିତ ଅନ୍ୟାନ୍ୟ ସୁବିଧା ନେଇପାରିବେ । ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ତହସିଲଦାର ଓ ଥାନା ଅଧିକାରୀ ଉଭୟ ସମନ୍ୱୟ ରକ୍ଷା କରି ରୋଡ୍ ରୋମିଓଙ୍କୁ ସାବାଡ୍ କରିବା ସହିତ ରାତ୍ରକାଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ଉପରେ ଆଲୋକପାତ କରାଯାଇଥିଲା । ଉପଜିଲ୍ଲାପାଳ ଶ୍ରୀ ନାୟକ ମଦ ପିଇ ରାସ୍ତାଘାଟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି କରି ନିରୀହ ଲୋକଙ୍କୁ ହଇରାଣ ହରକତ କରୁଥିବା ମଦ୍ୟପଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଥାନା ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି ।



# ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନ ଶିକ୍ଷକ ଓ କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ ସ୍ତରୀୟ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀଙ୍କୁ ପ୍ରଦାନ କରିଥିବା ଜଣାପଡିଛି । ସଂଘ ତରଫରୁ ଦୀର୍ଘଦିନ ଧରି ଝୁଲି ରହିଥିବା ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ତୁରନ୍ତ ପୂରଣ କରିବା ସହିତ ସମସ୍ତ ଯୋଗ୍ୟ ନୂତନ ସହାୟତାପ୍ରାପ୍ତ ସ୍କୁଲ ଓ କଲେଜକୁ ଜିଆଇଏ ପରିସରଭୁକ୍ତ କରି ପେନ୍‌ସନ୍ ଓ ସେବା ସୁବିଧା ପ୍ରଦାନ, ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ସହ ଅବସର ବୟସ ୬୨ ବର୍ଷକୁ ବୃଦ୍ଧି, ଗ୍ରେଡ୍ ପେ ସମସ୍ୟାର ସମାଧାନ ଏବଂ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନ୍ୟାସ୍‌ନାଲ୍ ଇନକ୍ରିମେଣ୍ଟ ପ୍ରଦାନ ସହ ସମସ୍ତ ସହାୟତା ପ୍ରାପ୍ତ ଓ ନୂତନ ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନକୁ ସରକାରୀକରଣ କରି ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବାକୁ ଦାବି କରାଯାଇଛି । ଏହି ଅବସରରେ ସୁଶାନ୍ତ ଦାଶ, ନବକିଶୋର ନନ୍ଦ, ଗୋପାଳ ଚନ୍ଦ୍ର ବେହେରା, ରମେଶ ମହାନ୍ତି, ଐଶ୍ୱର୍ଯ୍ୟ ଶେଖର ଦେବତା ପ୍ରମୁଖ ଖପ୍ରାଖୋଲ ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ସହ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ ।





# ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟର ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଗଠିତ

**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**

ନିକଟରେ ଓଡ଼ିଶା ସରକାରଙ୍କ ଓସେପା ମାର୍ଗଦର୍ଶିକା ଅନୁସାରେ ପ୍ରଧାନଶିକ୍ଷକଙ୍କ ସଭାପତିତ୍ୱରେ, ପର୍ଯ୍ୟବେକ୍ଷକ ପୋଲିସ୍ ଲାଇନ୍ କ୍ଲଷ୍ଟର୍ ସିଆର୍‌ସିସି ଝସକେତନ ପ୍ରଧାନ ଶତାୟୁ, ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳର ବିଦ୍ୟାଳୟ ପରିଚାଳନା କମିଟି, ବିଦ୍ୟାଳୟ ବିଲ୍ଡିଂ କମିଟି ଓ ବିଦ୍ୟାଳୟ ଏକାଡେମିକ କମିଟି ଗଠିତ ହୋଇଯାଇଛି । ଏହି ଉପଲକ୍ଷେ ଏଥିରେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସମୀର ପରିଡ଼ା ସଭାପତି, ସ୍ୱାଗତିକା ପାତ୍ର ଉପସଭାପତି ପ୍ରାକ୍ତନ ଛାତ୍ର ତଥା ଢେଙ୍କାନାଳ ପୌରପାଳିକାର ୫ ନମ୍ବର ୱାର୍ଡରେ କାଉନସିଲର ତଥା ଉପନଗରପାଳ ପ୍ରକାଶ କୁଅଁର ସଦସ୍ୟ, ପ୍ରାକ୍ତନ ଛାତ୍ର ଓ ଅବସର ପ୍ରାପ୍ତ ଶିକ୍ଷକ ଡା. ଦେବୀ ପ୍ରସାଦ ମିଶ୍ର ଆଲୁମିନି ପ୍ରତିନିଧି ସଦସ୍ୟ, ଡିଆଇଇଟିର ପ୍ରାକ୍ତନ ଅଧ୍ୟକ୍ଷ ଶିକ୍ଷାବିତ୍ ଡ. ସଚ୍ଚିଦାନନ୍ଦ ମିଶ୍ର, ପ୍ରାକ୍ତନ ଶିକ୍ଷକ ତଥା ଏଲ୍.ଏମ୍. ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ ଇତିଶ କୁମାର ବରାଳ, ବରିଷ୍ଠ ଶିକ୍ଷୟିତ୍ରୀ ସୁନୀତାବାଳା ଷଡ଼ଙ୍ଗୀ ଓ ସମ୍ପାଦକ ଭାବରେ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ମନୋଜ ରଞ୍ଜନ ଦଳେଇ, ଇଞ୍ଜିନିୟର ବିଶିକେଶନ ପରିଡ଼ା, ପୋଲିସ୍ ଲାଇନ୍ କ୍ଲଷ୍ଟର୍ ସିଆର୍‌ସିସି ଝସକେତନ ପ୍ରଧାନଙ୍କ ସମେତ ମୋଟ୍ ୩୭ ଜଣ ବିଭିନ୍ନ କମିଟିରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦୁଇବର୍ଷ ପାଇଁ କାର୍ଯ୍ୟ କରିବାକୁଥିବା ଏହି ନବଗଠିତ ବିଭିନ୍ନ କମିଟିରେ ସଭାପତି, ଉପସଭାପତି ଓ ସମସ୍ତ ସଭ୍ୟା, ସଭ୍ୟମାନେ ଶପଥ ପାଠ କରିବା ସହିତ ସ୍ୱୀୟ ବକ୍ତବ୍ୟରେ ଏହି ଶତାୟୁ ଅନୁଷ୍ଠାନର ସମସ୍ତ ଅଭାବ ଅସୁବିଧା ଦୂରୀକରଣ କରି ଏହାର ସୁପରିଚାଳନା ପାଇଁ ଦୀର୍ଘ ଏକ ବର୍ଷ ଧରି ବିଦ୍ୟାଳୟର ଖାଲିପଡ଼ିଥିବା ପ୍ରଧାନ ଶିକ୍ଷକ ପଦବୀରେ ଜଣେ ନୂତନ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତ କରି ସ୍ଥାୟୀ ଦାୟିତ୍ୱ ପ୍ରଦାନ କରିବାକୁ ଓଡ଼ିଶା ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିବାକୁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ପରିଶେଷରେ ବରିଷ୍ଠ ହିନ୍ଦୀ ଶିକ୍ଷକ କିଶୋର ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷାରେ ଉତ୍ତର ଦାୟିତ୍ୱ ଓ ପ୍ରଶ୍ନପତ୍ର ଲିକ୍ ସମସ୍ୟାର ସମାଧାନ ନେଇ ଆଲୋଚନା

**ରାଉରକେଲା, ନ୍ୟୁଜ୍**



ରାଉରକେଲା କଲେଜ, ରାଉରକେଲା ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲାର ଅଧ୍ୟାପକମାନଙ୍କ ମଞ୍ଚ 'ମନ୍ଥନ' ଆୟୋଜିତ 'ଶିକ୍ଷାରେ ଉତ୍ତର ଦାୟିତ୍ୱ ଏବଂ ପ୍ରଶ୍ନପତ୍ର ଲିକ୍ ସମସ୍ୟାର ସମାଧାନ' ସମ୍ପର୍କରେ ଆଲୋଚନାଚକ୍ର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମନ୍ଥନ-ରାଉରକେଲାର ସଭାପତି ଶ୍ରୀନାଥ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମାର୍ଗଦର୍ଶକ ଭାବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଂଘଚାଳକ ତଥା ମ୍ୟୁନିସିପାଲ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ଏବଂ ରାଉରକେଲା କଲେଜର ଅଧ୍ୟକ୍ଷ ତଥା ସାହିତ୍ୟ ପରିଷଦର ରାଉରକେଲା ମହାନଗର ସଭାପତି ଡ. ରବୀନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ । ବିଶେଷ ଅତିଥି ଭାବେ ସୁନ୍ଦରଗଡ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ବିଷୟ ବିଶେଷଜ୍ଞ ଭାବେ ଏନ୍‌ଆଇଟି, ରାଉରକେଲାର ପ୍ରଫେସର ଦୁର୍ଗା ପ୍ରସାଦ ମହାପାତ୍ର, ରାଜନୀତି ବିଜ୍ଞାନ ସହାୟକ ପ୍ରଫେସର ମନୋଜ କୁମାର ଦଳେଇ ଯୋଗଦେଇଥିଲେ । ମନ୍ଥନର ସଭାପତି ଶ୍ରୀନାଥ ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଡ. ବିଶ୍ୱନାଥ ପରିଜା, ସମ୍ପାଦକ ସୁଶାନ୍ତ ପଟେଲ, ପ୍ରଫେସର ପିୟୁଷ ରଞ୍ଜନ ଦାସ, ସୂର୍ଯ୍ୟକାନ୍ତ ଦାସ, କରୁଣାକର ପାଟଶାଣୀ, ଗଜେନ୍ଦ୍ରନାଥ ଦାଶ, ପ୍ରୀତମ ସାମଲ, ସମୀର କୁମାର ସାହୁ, ଡ. ରବୀନ୍ଦ୍ର ବାରିକ, ଆସ୍ତିକ ବାରିକ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖିଥିଲେ । ସଭାପତି, ସମସ୍ତ ଅତିଥି, ବିଷୟ ବିଶେଷଜ୍ଞ ତଥା ଅଧ୍ୟାପକମାନେ ସେମାନଙ୍କ ବକ୍ତବ୍ୟରେ ଗୁଣବତ୍ତା, ପାରଦର୍ଶିତା, ଉତ୍ତର ଦାୟିତ୍ୱ, ନୈତିକ ଦାୟିତ୍ୱ, ଚରିତ୍ର ଗଠନ, ଶିକ୍ଷକ ଚୟନରେ ଗୁଣାତ୍ମକ ମାନ, ଶୈକ୍ଷିକ ବାତାବରଣ, ରାଷ୍ଟ୍ର ଓ ସମାଜ ନିର୍ମାଣରେ ଭୂମିକା, ଛାତ୍ର-ଛାତ୍ରୀ ଓ ଅଭିଭାବକଙ୍କ ପ୍ରତି ଶିକ୍ଷକଙ୍କ ଦାୟିତ୍ୱ, ବ୍ୟବସ୍ଥାରେ ସୁଧାର ଆଣିବା, ପ୍ରତିଶ୍ରୁତିବଦ୍ଧତା ଓ ସଚେତନତା ତଥା ସମୟର ଆବଶ୍ୟକତା ନେଇ ଶିକ୍ଷକମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ।

# ମା' କ୍ଷୀର ଶାରୀରିକ ଓ ବୌଦ୍ଧିକ ବିକାଶ ଘଟାଏ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସ୍ଥିତ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ତାଲିମ୍ କେନ୍ଦ୍ର ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନପାନ୍ୟ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ତ୍ରିପାଠୀ, ଏଡିଏମ୍‌ଓ ଭି. କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଏଡିପିଏଚ୍‌ଓ ସାନ୍ତା ନିବେଦିତା, ଡାକ୍ତର ଏସ୍.କେ ମେହେର, ଡାକ୍ତର ବିଭୁତି ଭୂଷଣ ଦଳାଇ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଗିରିଜା ପ୍ରସାଦ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ । ମା' କ୍ଷୀର ଶିଶୁ ପାଇଁ ସବୁଠୁ ଭଲ ଖାଦ୍ୟ ଯାହାକି ଶିଶୁର ପୋଷଣରେ ସାହାଯ୍ୟ କରେ । ମା' କ୍ଷୀରକୁ ଶିଶୁ ସହଜରେ ହଜମ କରିପାରେ । ଶିଶୁର ମାନସିକ, ଶାରୀରିକ ଓ ବୌଦ୍ଧିକ ଅଭିବୃଦ୍ଧି ଠିକ୍ ହୋଇଥାଏ । ସ୍ତନ୍ୟପାନ ଦ୍ୱାର ମା' ଓ ଶିଶୁ ମଧ୍ୟରେ ସମ୍ପର୍କ ନିବିଡ ହୋଇଥାଏ ଯାହାକି ଭବିଷ୍ୟତରେ ଶିଶୁର ମାନସିକ ଓ ସାମାଜିକ ସ୍ୱାସ୍ଥ୍ୟର ଉନ୍ନତିରେ ସାହାଯ୍ୟ କରିଥାଏ । ଏହି ଅବସରରେ ଅତିଥିମାନେ ପିଲାଙ୍କୁ ଡବା କ୍ଷୀର ନଦେଇ ମା' କ୍ଷୀର ଦେବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏଏନ୍‌ଏମ୍ ତାଲିମ୍ କେନ୍ଦ୍ରର ଛାତ୍ରୀ ଓ ଆଶା କର୍ମୀ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ବଜାର ସୁବିଧା ନଥିବାରୁ ପଞ୍ଚାୟତବାସୀଙ୍କ ହଟହଟା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ଗ୍ରାମପଞ୍ଚାୟତ ଓ ବିରସତୀ ପ୍ରଭୃତି ଅଞ୍ଚଳରେ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ଏହି ଅଞ୍ଚଳରେ ଗୃହପାଳିତ ପଶୁମାନଙ୍କ ପାଇଁ ଦାନା କିଣିବାକୁ ଚାଷୀମାନେ ସହର ଉପରେ ନିର୍ଭର କରୁଛନ୍ତି ଏବଂ ପ୍ରାୟ ୧୦ କିଲୋମିଟରରୁ ଉର୍ଦ୍ଧ୍ୱ ବାଟ ଯାଇ ପଶୁମାନଙ୍କ ପାଇଁ ଦାନା ଆଣୁଛନ୍ତି । ଗାଈମାନଙ୍କ ଠାରୁ ଉତ୍ପନ୍ନ କ୍ଷୀର ବିକ୍ରୟ ପାଇଁ ଦୂରକୁ ଯିବାକୁ ପଡିଛି । ଏହିସବୁ ଅସୁବିଧାକୁ ଦୃଷ୍ଟିରେ ରଖି ଗ୍ରାମସଭା ମାଧ୍ୟମରେ ସରପଞ୍ଚଙ୍କୁ ଜଣାଇଥିଲେ । ଆବଶ୍ୟକତାକୁ ଉପଲବ୍ଧ କରି ଖାତା ନଂ-୮୨୬ ଓ ପ୍ଲଟ୍ ନମ୍ବର-୭୮୬ରେ ୪ଗୋଟି ରୁମ୍ ନିର୍ମାଣ କରାଯାଇଛି । ପୂର୍ବରୁ ଏଠାରେ ଗ୍ରାମୀଣ ଜଳ ଯୋଗାଣ ବିଭାଗ ଦ୍ୱାରା ଏକ ଜଳ ଟ୍ୟାଙ୍କ ନିର୍ମାଣ କରାଯାଇଛି । ଯାହା ଏବେ ବିଦ୍ୟମାନ । ଏହି ବ୍ଲକ ଦେଇ ଓସ୍ତପୁର, ଇଚ୍ଛାପୁର ଆର୍.ଡି ରାସ୍ତା ମଧ୍ୟ ଯାଇଛି । ଏଠାରେ ବିପଣୀ କେନ୍ଦ୍ର ନିର୍ମାଣ କରାଯାଇ କାର୍ଯ୍ୟରେ ବ୍ୟବହାର କରାଗଲେ ଗ୍ରାମବାସୀଙ୍କ ଆବଶ୍ୟକତା ପୂରଣ ହେବା ସହିତ ପଞ୍ଚାୟତର ଆର୍ଥିକ ଉନ୍ନତି ହେବ ବୋଲି ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତଙ୍କ ସମେତ ଉତ୍ତମ ଜେନା, ଅନାଦି ସାହୁ, ନିରଞ୍ଜନ ଜେନା, ଅନାଦି ସ୍ୱାଇଁ ବିଜୟ ପ୍ରଧାନ, ସୁବାସ ଜେନା, ଅର୍ଜୁନ ମହାନ୍ତି, ଧନେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଏସ୍‌ଏଫ୍ ଯବାନ ଦିଲ୍ଲୀପ ମହାନ୍ତିଙ୍କ ଦେହାନ୍ତ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୫ନଂ ୱାର୍ଡ ରମ୍ପାସ୍ ଗ୍ରାମର ବାସିନ୍ଦା ତଥା କାର୍ଯ୍ୟରତ ବିଏସ୍‌ଏଫ୍ ଯବାନ ଦିଲ୍ଲୀପ ମହାନ୍ତିଙ୍କ ଅକାଳରେ ଦେହାନ୍ତ ହୋଇଯାଇଛି । ସେ ଭାରତ ବାଂଲାଦେଶ ସୀମାନ୍ତ ପଶ୍ଚିମ ବଙ୍ଗ ସ୍ଥିତ ମାଲଦା କ୍ୟାମ୍ପରେ କାର୍ଯ୍ୟରତ ଥିଲେ । ଏହି ଖବର ଶୁଣିଲା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମରଶରୀର ନିଜ କର୍ତ୍ତବ୍ୟରତ ସ୍ଥାନରୁ ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚି ବିମାନବନ୍ଦରରୁ ନିଜ ବାସସ୍ଥାନ ବ୍ୟାସନଗରର ସ୍ଥିତ ରମ୍ପାସ ଗ୍ରାମକୁ ଭାରତୀୟ ସେନା ବାହିନୀର ସୈନିକ ମାନଙ୍କ ଦ୍ୱାରା ଅଣାଯାଇଥିଲା । ଦିଲ୍ଲୀପଙ୍କ ମରଶରୀର ନିକଟରେ ଆତ୍ମୀୟ ସ୍ୱଜନଙ୍କ ଭିଡ଼ ଦେଖିବାକୁ ମିଳିଥିଲା ଏବଂ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ସ୍ଥାନୀୟ ଅଞ୍ଚଳରେ ଦେଶର ସୁରକ୍ଷା ପାଇଁ କର୍ତ୍ତବ୍ୟରତ ଜଣେ ବୀର ଯବାନଙ୍କ ବିୟୋଗ ସମଗ୍ର ଅଞ୍ଚଳ ଶୋକର ଛାୟା ଖେଳିଯାଇଥିଲା । ଏହି ଶୋକାକୁଳ ପରିବେଶରେ କୋରେଇର ବିଧାୟକ ଆକାଶ ଦାସନାୟକ ସମେତ ଅନ୍ୟମାନେ ଉପସ୍ଥିତି ରହି ଆତ୍ମାର ସଦ୍‌ଗତି କାମନା କରିଥିଲେ । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରିଥିଲେ । ଶେଷରେ ଆତ୍ମୀୟ ସ୍ୱଜନଙ୍କ ଶେଷ ଦର୍ଶନ ପରେ ଯାଜପୁର ଟାଉନ୍ ସ୍ଥିତ ଦସ୍ୱୟମେଧ ଘାଟକୁ ଅନ୍ତିମ ସଂସ୍କାର କରାଯିବ ପାଇଁ ନିଆଯାଇଥିଲା ।

# ଭକ୍ତିମୟ ପରିବେଶରେ ମା' ସମଲେଶ୍ୱରୀଙ୍କ ପୀଠରେ ଭଜନ ସନ୍ଧ୍ୟା

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ମା' ସମଲେଶ୍ୱରୀଙ୍କ ପବିତ୍ର ପୀଠରେ ଏକ ଭବ୍ୟ ଭଜନ ସନ୍ଧ୍ୟା ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି ଭଜନ ସନ୍ଧ୍ୟାକୁ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ମା' ସମଲେଶ୍ୱରୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ସମ୍ବଲପୁରର ପ୍ରତିଷ୍ଠିତ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ହେମନ୍ତ ମିଶ୍ର ଓ ଦେବ କୁମାର ଅଜମେରିଆ ତଥା ବିଶିଷ୍ଟ ଶିକ୍ଷାବିତ ଡଃ ଶ୍ୟାମ ସୁନ୍ଦର ଧର, ଗୁରୁ ରଞ୍ଜନ କୁମାର ସାହୁ, ସୁଶାନ୍ତ ମିଶ୍ର, ସୁଶୀଲ ଦାସ, ଜୟକୃଷ୍ଣ ବେହେରା, ମଳୟ ଭୋଇ ଓ ଦୀପାଳି ଚୌଧୁରୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଉପସ୍ଥିତ ଭକ୍ତମାନେ କହିଥିଲେ ଯେ, ଏପରି ଭଜନ ସନ୍ଧ୍ୟା ସମ୍ବଲପୁରର ସାଂସ୍କୃତିକ



କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ । କଣ୍ଠଶିଳ୍ପୀ ବିଭୁତି ଭୂଷଣ ପଟ୍ଟନାୟକ, ରଞ୍ଜନ କୁମାର ନନ୍ଦ, ବଳରାମ ମାଝୀ, ସୁନୀତି ବେହେରା, ଜ୍ୟୋତିର୍ମୟୀ ବେହେରା ଓ ତନୁଶ୍ରୀ ବେହେରା ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ । ବାଦ୍ୟଯନ୍ତ୍ରରେ ଦେବାଶିଷ ପାଢ଼ୀ, ଭାଗିରଥୀ ସିଂହଦେଓ, କୃଷ୍ଣଚନ୍ଦ୍ର ବାଗ, କ୍ଷିତିଶ ଚନ୍ଦ୍ର ବାଗ, ସୁମିତ ପ୍ରଧାନ, ହରିବନ୍ଧୁ ବେହେରା ଓ ସୁରେନ୍ଦ୍ର ଖଟେଇ ପ୍ରମୁଖ ସହଯୋଗ କରିଥିଲେ । ସନ୍ତୋଷ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା ଓ ତ୍ରିଲୋଚନ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ପରମ୍ପରାକୁ ଆଗକୁ ବଢ଼ାଇବା ସହ ଯୁବପିଢ଼ୀଙ୍କୁ ଭକ୍ତି ସଙ୍ଗୀତ ଓ ଆଧ୍ୟାତ୍ମିକତା ପ୍ରତି ଆକର୍ଷିତ କରିବ । ଶେଷରେ ଆୟୋଜକମାନେ ସମସ୍ତ କଳାକାର, ବାଦ୍ୟଯନ୍ତ୍ରବାଦକ, ସହଯୋଗୀ ଓ ଭକ୍ତମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ସମଲେଶ୍ୱରୀ ପୀଠ କେବଳ ଏକ ଆଧ୍ୟାତ୍ମିକ କେନ୍ଦ୍ର ନୁହେଁ, ଏହା ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ପରମ୍ପରାର ଜୀବନ୍ତ ପ୍ରତୀକ । ଏପରି ଭଜନ ସନ୍ଧ୍ୟା ଭକ୍ତମାନଙ୍କ ମନରେ ଭକ୍ତିଭାବ ସୃଷ୍ଟି କରିବା ସହ ନୂତନ ପିଢିଙ୍କୁ ଆମ ସାଂସ୍କୃତିକ ଐତିହ୍ୟ ସହ ଯୋଡ଼ି ରଖିବ ବୋଲି ସଭାପତି ସଞ୍ଜୟ ବାବୁ ମତପ୍ରକାଶ କରିଥିଲେ ।

# ମିଳୁନି ନିରାମୟ ଔଷଧ | ବଢୁଛି ଗରିବ ରୋଗୀଙ୍କ ଦୁର୍ଦ୍ଦଶା:ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି

**ଯାଜପୁର, ନ୍ୟୁଜ୍**

ସ୍ୱାସ୍ଥ୍ୟ ହେଉଛି ସମ୍ପଦ । ସେଥିପାଇଁ ଅନେକ ଗରିବ ଲୋକ ଅର୍ଥାଭାବରୁ ରୋଗ ପାଇଁ ଔଷଧ କିଣି ନପାରି ଅକାଳ ମୃତ୍ୟୁର ସମ୍ମୁଖୀନ ହୋଇଥାନ୍ତି । ଏହାକୁ ଦୃଷ୍ଟିରେ ରଖି ସରକାର ନିରାମୟ ଯୋଜନା କରି ପ୍ରତି ରୋଗ ପାଇଁ ମାଗଣାରେ ଔଷଧ ପ୍ରଦାନ କରିବାର ଯୋଜନା କଲେ । ହେଲେ ଔଷଧ କମ୍ପାନୀ ମାନଙ୍କ ସହ ଅଦୃଶ୍ୟ ମେଣ୍ଟ କରି ଅନେକ ଔଷଧ ନିରାମୟରେ ପ୍ରଦାନ କରାଯାଉନାହିଁ । ଫଳରେ ଗରିବ ଲୋକେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ଆରୋଗ୍ୟ ହେବା ପାଇଁ ଔଷଧ କିଣିପାରୁନାହାନ୍ତି । ଏହା ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଏ ଘଟଣାରେ ହସ୍ତକ୍ଷେପ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି । ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଗୋଡିପାଟିଆ ଗ୍ରାମର ଲକ୍ଷ୍ମଣ ପ୍ରଧାନ ଜଣେ ନିହାତି ଗରିବ ଭିନ୍ନକ୍ଷମ ଯୁବକ । ତାଙ୍କର ବିଭିନ୍ନ ସମୟରେ ବାତ ରୋଗ ବାହାରିଥାଏ । ଏହି ବାତ ରୋଗ ବାହାରିବା ସମୟରେ ତାଙ୍କର ଦେହରେ ଖୁବ୍ ଜୋର୍‌ରେ କମ୍ପନ ହେବା ସହ ସେ ଥରି ଉଠି ଛଟପଟ ହୋଇଥାନ୍ତି । ଏହି ସମୟରେ ଯନ୍ତ୍ରଣା ଏବଂ ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ । ପୂର୍ବରୁ ଲକ୍ଷ୍ମଣଙ୍କୁ ଆବଶ୍ୟକ ଚିକିତ୍ସା ସେବା ଏସ୍.ସି.ବିରେ ମିଳିପାରୁନଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପରେ ଏଥିନେଇ ଏସ୍.ସି.ବି ମେଡିକାଲ୍ ତରଫରୁ ତଦନ୍ତ ହୋଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି । ଏଥିନେଇ ଏସ୍.ସି.ବିର ତତ୍କାଳୀନ ସ୍ନାୟୁ ବିଭାଗର ମୁଖ୍ୟ ଡ଼ ଅଶୋକ ମଳିକ ପତ୍ର ନଂ-୩୬୮ ତା୨୨.୦୭.୨୫ରେ ଏକ ରିପୋର୍ଟ ଅଧୀକ୍ଷକଙ୍କୁ ପ୍ରଦାନ କରିଥିଲେ । ଏହାପରେ ଲକ୍ଷ୍ମଣଙ୍କୁ ଏସ୍.ସି.ବିରେ ଆବଶ୍ୟକ ଚିକିତ୍ସା ସେବା ମିଳିଥିଲେ ମଧ୍ୟ ପରେ ତାଙ୍କୁ ନିରାମୟରୁ ଆବଶ୍ୟକ ଔଷଧ ମିଳିପାରୁନାହିଁ । ଯେଉଁ ରୋଗୀଙ୍କ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ ପରେ ତଦନ୍ତ ହୋଇ ଆବଶ୍ୟକ ଚିକିତ୍ସା ସେବା ମିଳିଲା, ସେହି ରୋଗୀଙ୍କୁ ନିରାମୟ ଔଷଧ ନମିଳିବା ରାଜ୍ୟରେ ଚାଲିଥିବା ସ୍ୱାସ୍ଥ୍ୟସେବାର ନମୁନା ହୋଇଛି । ତାଙ୍କୁ କଟକ ଏସ୍.ସି.ବିରୁ ପ୍ରଦାନ କରାଯାଇଥିବା ଔଷଧ ଚିଠା ଅନୁସାରେ ସେଡିୟମ ଭାଲପ୍ରୋଏଟ ଏବଂ ଭାଲପ୍ରୋକ ଏକିଡ କଂଟ୍ରୋଲଡ ରିଲିଜ ଟାବଲେଟ୍ ଦୁଇଟି ପ୍ରଦାନ କରାଯାଉନାହିଁ । ଫଳରେ ଏହି ଦୁଇଟି ଟାବ୍‌ଲେଟ୍ ପାଇଁ ମାସକୁ ଲକ୍ଷ୍ମଣ ପ୍ରଧାନଙ୍କ ପରି ଗରିବ ଭିନ୍ନକ୍ଷମଙ୍କୁ ମାସକୁ ଦୁଇ ହଜାର ଟଙ୍କା ବ୍ୟୟ କରିବା କାଠିକର ପାଠ ହେଉଛି । ଲକ୍ଷ୍ମଣ ପ୍ରଧାନ ଏ କ୍ଷେତ୍ରରେ ଏକ ଦୃଷ୍ଟାନ୍ତ ମାତ୍ର । ବହୁ ଗରିବ ଲୋକ ଏହିଭଳି ନିରାମୟରୁ ଔଷଧ ନପାଇ ନିରାଶ ହୋଇ ଫେରୁଛନ୍ତି । ଏସ୍.ସି.ବିରେ ରୋଗୀଟିଏ ଲମ୍ବା ଧାଡିରେ ଠିଆ ହୋଇ ଡାକ୍ତରଙ୍କୁ ରୋଗ ଦେଖାଇ ଔଷଧ ଚିଠା ଧରି ଆସିଥାଏ । ଏହାପରେ ଲମ୍ବା ଧାଡିରେ ଦୀର୍ଘ ସମୟ ଠିଆ ହୋଇ ନିରାମୟରେ ନିଜର ଚିଠା ପ୍ରଦାନ ପରେ ଏହି ଔଷଧ ନଥିବାର କୁହାଯାଇଥାଏ । ଏହି ଯନ୍ତ୍ରଣା ରୋଗୀର ରୋଗକୁ ଅଧିକ ବଢାଇ ଦେଇଥାଏ । ସମସ୍ତ ଔଷଧ ନିରାମୟରେ ଉପଲବ୍ଧ ବୋଲି ପ୍ରଚାର କରାଯାଉଥିବା ବେଳେ ବାସ୍ତବରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି । ଏଭଳି ଗୁରୁତର ଜନସ୍ୱାର୍ଥ ପ୍ରସଙ୍ଗରେ ଯୁବନେତା ସତୀଶ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି । ନଚେତ ଜନସ୍ୱାର୍ଥ ପାଇଁ ସେ ଏସ୍.ସି.ବିରେ ଏଥିନେଇ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ପ୍ରକାଶଥାଉ କି, ଏହି ନିରାମୟ କେନ୍ଦ୍ରରେ ରୋଗୀକୁ ସିଧା ଠିଆ ହୋଇ ଔଷଧ ଦେଉଥିବା କର୍ମଚାରୀଙ୍କ ସହ କଥା ହେବା ପାଇଁ ଥିବା କଣାଟିକୁ ବନ୍ଦ କରିଦିଆଯାଉଛି । ଏସ୍.ସି.ବିର ନିରାମୟରେ ରୋଗୀଟିଏ ଭିତରେ ବସି ଔଷଧ ପ୍ରଦାନ କରୁଥିବା କର୍ମଚାରୀଙ୍କୁ ଦେଖିବା ପାଇଁ ଗୋଟିଏ ମାତ୍ର କଣାରେ ନଇଁକରି କଥା ହେବାକୁ ପଡୁଛି । ଏହା ରୋଗୀ ପାଇଁ ମଧ୍ୟ ଯନ୍ତ୍ରଣା ଦାୟକ । ଭିତରେ ଥିବା କର୍ମଚାରୀ ମାନଙ୍କ କୋଠରୀରୁ ଏ.ସିର ଥଣ୍ଡା ବାହାରକୁ ନଯିବା ପାଇଁ ଏଭଳି ଅମାନବୀୟ ପଦକ୍ଷେପ ପାଇଁ ମଧ୍ୟ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି ।

# ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଲେ ଅଜିଙ୍କ୍ୟ ରାହାଣେ

**ନୂଆଦିଲ୍ଲୀ**

କିମ୍ବଦନ୍ତୀ ଭାରତୀୟ କ୍ରିକେଟର ଅଜିଙ୍କ୍ୟ ରାହାଣେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ବିଶ୍ୱର ବିଭିନ୍ନ ଲିଗରେ ଖେଳିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏହା ସହିତ, ରାହାଣେ ଭବିଷ୍ୟତରେ ପ୍ରଶିକ୍ଷକ ଭାବରେ କ୍ୟାରିୟର କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେ ତାଙ୍କର କ୍ରିକେଟ ଅଭିଜ୍ଞତାକୁ ସୀମିତ କ୍ଷେତ୍ରରେ ସୀମିତ ରଖିବାକୁ ଚାହାଁନ୍ତି ନାହିଁ। ଏହି କାରଣରୁ, ଅବସର ପରେ, ସେ ୟୁରୋପୀୟ ଟି୨୦ ପ୍ରିମିୟର ଲିଗରେ ଆମଷ୍ଟରଡାମ ଫ୍ଲେମ୍ସ ଦଳରେ ଯୋଗ ଦେଇଛନ୍ତି। ତାଙ୍କର ଇଟିପିଏଲ ଡେବ୍ୟୁ ପୂର୍ବରୁ ରାହାଣେ କହିଛନ୍ତି, 'ଜଣେ କ୍ରିକେଟର ଭାବରେ, ମୁଁ ବଡ଼ ଚିନ୍ତା କରିବାରେ ବିଶ୍ୱାସ କରେ। ମୁଁ ମୋର ଅଭିଜ୍ଞତାକୁ ଏକ ସଂକୀର୍ଣ୍ଣ ପରିସର ମଧ୍ୟରେ ସୀମିତ ରଖିବାକୁ ଚାହୁଁନାହିଁ ବରଂ ମୁଁ ଏହାକୁ ଏକ ବିଶ୍ୱ ସ୍ତରରେ ବାଣ୍ଟିବାକୁ ଚାହୁଁଛି। ମୁଁ କେଉଁ ନିର୍ଦ୍ଦିଷ୍ଟ ଲିଗରେ ଖେଳିବା ଉଚିତ କିମ୍ବା ନ ଖେଳିବା ଉଚିତ ସେ ବିଷୟରେ ସୀମା ସ୍ଥିର କରିବାକୁ ଚାହୁଁନାହିଁ। ମୁଁ ଭାବୁଛି ମୁଁ ବିଶ୍ୱର ବିଭିନ୍ନ ଲିଗରେ ଖେଳି ମୋର ଅଭିଜ୍ଞତା ବାଣ୍ଟିବା ଉଚିତ – ବିଶ୍ୱ ସ୍ତରରେ ମୋର ଜ୍ଞାନ ଏବଂ ଦକ୍ଷତା ବାଣ୍ଟିବା।'

ଟି-୨୦ ଲିଗରେ ତାଙ୍କ ଭବିଷ୍ୟତ ବିଷୟରେ ଆଲୋଚନା କରିବା ବ୍ୟତୀତ, ରାହାଣେ ପ୍ରଶିକ୍ଷକ ଭାବରେ ଏକ ସମ୍ଭାବ୍ୟ କ୍ୟାରିୟର ବିଷୟରେ ମଧ୍ୟ ସ୍ପଷ୍ଟ ଭାବରେ କହିଥିଲେ। ରାହାଣେ କହିଥିଲେ, 'ମୁଁ ଭାବୁଛି ଯେ ଖେଳିବା ବ୍ୟତୀତ, ମୁଁ ଜଣେ ପରାମର୍ଶଦାତା ଏବଂ ପ୍ରଶିକ୍ଷକ ଭାବରେ ଉତ୍କର୍ଷ ହାସଲ କରିବି କାରଣ ମୁଁ ଖେଳାଳିମାନଙ୍କ ମାନସିକତାକୁ ବୁଝେ। ମୁଁ ସେମାନଙ୍କୁ ବହୁତ ଭଲ ଭାବରେ ବୁଝେ କାରଣ, ଜଣେ ଖେଳାଳି ଭାବରେ, ମୁଁ ପ୍ରତ୍ୟେକ ସମ୍ଭାବ୍ୟ ପରିସ୍ଥିତି ଏବଂ ପରିସ୍ଥିତି ଦେଇ ଗତି କରିଛି, ଏବଂ ସେହି ଅଭିଜ୍ଞତା ଅତ୍ୟନ୍ତ ସାହାଯ୍ୟ କରେ।'

ସେ ଆହୁରି ମଧ୍ୟ କହିଥିଲେ, 'କୋଚିଂ ହେଉଛି ଏକ ପ୍ରକାରେ, ମ୍ୟାନ ମ୍ୟାନେଜମେଣ୍ଟ ଏବଂ ମେଣ୍ଟରଶିପ ବା ପରାମର୍ଶଦାତାର ଏକ ଖେଳ। ତଥାପି, ବର୍ତ୍ତମାନ, ମୁଁ କ୍ରିକେଟ ଖେଳିବାକୁ ଚାହୁଁଛି। ମୋର ଖେଳ ପ୍ରତି ସମାନ ଆଗ୍ରହ ଏବଂ ଖେଳିବାର ଇଚ୍ଛା ରହିଛି, କିନ୍ତୁ ଖେଳିବା ବ୍ୟତୀତ, ମୁଁ ବିଶ୍ୱାସ କରେ ଯେ ମୁଁ ଜଣେ କୋଚ ଏବଂ ମେଣ୍ଟର ଭାବରେ ବହୁତ ଭଲ ହେବି।'

# ଅଭ୍ୟାସ ମ୍ୟାଚ : ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଭାରତ ୩୫୭/୬

**କଲମ୍ବୋ**

ଶ୍ରୀଲଙ୍କା ଏକାଦଶ ବିପକ୍ଷରେ ଚାଲିଥିବା ୱାର୍ମଅପ୍ ମ୍ୟାଚର ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଦେବଦତ୍ତ ପଡିକଲଙ୍କ ଅପରାଜିତ ଶତକ ବଳରେ ଭାରତ ୬ ୱିକେଟ ହରାଇ ୩୫୭ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ପଡିକଲ ୧୪୨ ଓ ଗୁରନୁର ବ୍ରାର ୩୬ ରନରେ ଅପରାଜିତ ରହିଛନ୍ତି।

ଘରୋଇ ଶ୍ରୀଲଙ୍କା ଏକାଦଶ ପୂର୍ବ ଦିନର ସ୍କୋର ୩୬୩/୮ରେ ପାଳି ଘୋଷଣା କରିଥିଲା। ଭାରତ ପାଇଁ ଓପନର ଯଶସ୍ୱୀ ଜୟସ୍ୱାଲ ଖାତା ଖୋଲିବାକୁ ବିଫଳ ହୋଇଥିଲେ। ଅନ୍ୟତମ ଓପନର ଲୋକେଶ ରାହୁଲ ଓ ପଡିକଲ ୨୩ ଓଭର ଧରି ଧୈର୍ଯ୍ୟର ସହ ବ୍ୟାଟିଂ କରି ଦ୍ୱିତୀୟ ୱିକେଟରେ ୯୬ ରନ ଯୋଡ଼ିଥିଲେ।

ରାହୁଲ (୪୦) ହେବା ପରେ ତାଙ୍କ ସ୍ଥାନରେ ଆସିଥିବା ରବୀନ୍ଦ୍ର ଜାଡେଜା (୬୩) ଅର୍ଦ୍ଧଶତକୀୟ ଇନିଂସ ଖେଳିବା ପରେ ରିଟାୟର୍ଡ ହର୍ଟ ହୋଇଥିଲେ। ୱିକେଟକିପର ରିଷଭ ପନ୍ତ (୨) ଓ ଧ୍ରୁବ ଜୁରେଲ (୧) ଫେଲ ମାରିଥିବା ବେଳେ ମାନବ ସୁଥାର ୪୧ ରନ କରିଥିଲେ।

କୁଲଦୀପ ଯାଦବ ଓ ସାରାଂଶ ଜୈନ କ୍ରିଜର କିଛି ସମୟ ବିତାଇବା ପରେ ରିଟାୟର୍ଡ ହର୍ଟ ହୋଇ ପାଭିଲିଅନ ଫେରି ଯାଇଥିଲେ। ଏହାପରେ ପଡିକଲ ଓ ଗୁରନୁର ବ୍ରାର ଆଟାକିଂ ବ୍ୟାଟିଂ କରି ଦଳୀୟ ସ୍କୋରକୁ ଦ୍ରୁତ ଗତିରେ ଆଗେଇ ନେଇଥିଲେ। ଶ୍ରୀଲଙ୍କା ପାଇଁ ରମେଶ ମେଣ୍ଡିସ ଓ ଆଶାଙ୍କା ମଜୋନ ୨ ଲେଖାଏଁ ୱିକେଟ ନେଇଥିଲେ। ଭାରତ ଏବେ ଶ୍ରୀଲଙ୍କା ଏକାଦଶର ପ୍ରଥମ ଇନିଂସ ସ୍କୋରଠାରୁ ୬ ରନ ପଛରେ ରହିଛି।




# ଗୁପ୍ତରେ ବିବାହ କଲେ କେକେଆର ଅଲରାଉଣ୍ଡର

**ନୂଆଦିଲ୍ଲୀ**

କ୍ରିକେଟର ଏବଂ ଟେଲିଭିଜନ ଅଭିନେତ୍ରୀଙ୍କ ମଧ୍ୟରେ ସମ୍ପର୍କର ତାଲିକା ବହୁତ ଲମ୍ବା ଏବଂ ଏବେ ଏଥିରେ ଆଉ ଏକ ନାମ ଯୋଡି ହୋଇଛି। ପ୍ରଶ୍ନର ସମ୍ମୁଖୀନ ହେଉଥିବା ଖେଳାଳି ହେଉଛନ୍ତି ରମନଦୀପ ସିଂହ, ଜଣେ ଅଲରାଉଣ୍ଡର ଯିଏ କୋଲକାତା ନାଇଟ ରାଇଡର୍ସ ପାଇଁ ଖେଳନ୍ତି। ରମନଦୀପ ସିଂହ ଗୁପ୍ତ ଭାବରେ ଜଣେ ଟିଭି ଅଭିନେତ୍ରୀଙ୍କ ସହିତ ବିବାହ କରିଛନ୍ତି। କୋଲକାତା ପାଇଁ ଆଇପିଏଲ ଏବଂ ପଞ୍ଜାବ ପାଇଁ ଘରୋଇ କ୍ରିକେଟରେ ଖେଳୁଥିବା ରମନଦୀପ ଟିଭି ଅଭିନେତ୍ରୀ ଚାର୍ଲି ଚୌହାନଙ୍କୁ ବିବାହ କରିଥିଲେ। ଚାର୍ଲି ଏକ ଫଟୋ ପୋଷ୍ଟ କରିବା ପରେ ଏହି କଥା ଜଣାପଡିଥିଲା। ଏହି ଦମ୍ପତି ଅଗଷ୍ଟ ୭ରେ ବିବାହ କରିଥିଲେ। ବିବାହ ସମାରୋହ ଏକ ଅନ୍ତରଙ୍ଗ ସମ୍ପର୍କ ଥିଲା ଯେଉଁଥିରେ କେବଳ କେତେକଣ ନିକଟତମ ବନ୍ଧୁ ଏବଂ ପରିବାର ସଦସ୍ୟ ଯୋଗ ଦେଇଥିଲେ, ବିବାହର ଖବର ପୂର୍ବରୁ ଜନସାଧାରଣଙ୍କ ପାଖରେ ପହଞ୍ଚି ନଥିଲା। ସେମାନେ ଏକ ଗୁରୁଦ୍ୱାରରେ ପଞ୍ଜାବୀ ରୀତିନୀତି ଅନୁଯାୟୀ ବିବାହ କରିଥିଲେ, ଯେଉଁଥିରେ ପରିବାରର ନିକଟତମ ସଦସ୍ୟ ଏବଂ ବନ୍ଧୁମାନେ ସାଥୀ କ୍ରିକେଟର ଅର୍ଶଦୀପ ସିଂହ, ନମନ ଧୀର (ମୁମ୍ବାଇ ଇଣ୍ଡିଆନ୍ସ), ଅଶ୍ୱିନୀ କୁମାର ଏବଂ ଜସିନ୍ଦର ସିଂହ ଉପସ୍ଥିତ ଥିଲେ।

# ଭାରତୀୟ ଖେଳାଳିଙ୍କ ବାରମ୍ବାର ଆଘାତ ପାଇଁ ବିସିସିଆଇର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ଅନେକ ଖେଳାଳି ବର୍ତ୍ତମାନ ଆହତ ହୋଇଛନ୍ତି, ଯାହା ଦଳ ପରିଚାଳନାକୁ ଚିନ୍ତିତ କରିଛି। ଅଧିନାୟକ ଶୁବମନ ଗିଲ ମଧ୍ୟ ଏହି ପ୍ରସଙ୍ଗ ଉପରେ ପ୍ରଶ୍ନ ଉଠାଇଛନ୍ତି। ପରିସ୍ଥିତି ବଢୁଥିବା ଦେଖି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିସିସିଆଇ ସଚିବ ଦେବଜିତ ସାଇକିଆ ରବିବାର 'ସେଣ୍ଟର ଅଫ ଏକ୍ସିଲେନ୍ସ'ରେ ଖେଳାଳିଙ୍କ ପୁନର୍ବାସ ଏବଂ ପୁନରୁଦ୍ଧାର ପ୍ରକ୍ରିୟା ସମୀକ୍ଷା କରିବା ପାଇଁ କ୍ରିକେଟ ମୁଖ୍ୟ ଭିଭିଏସ ଲକ୍ଷ୍ମଣଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

ଜସପ୍ରିତ ବୁମରାହ (ଆଣ୍ଠୁ ଫୁଲା), ସାଇ ସୁଦର୍ଶନ (ବାମ ଆଙ୍ଗୁଠି ଆଘାତ), ହର୍ଷିତ ରାଣା (ମାଂସପେଶୀ ଷ୍ଟ୍ରେନ), ନୀତିଶ କୁମାର ରେଡ୍ଡୀ (ମାଂସପେଶୀ ଷ୍ଟ୍ରେନ), ଏବଂ ୱାଶିଂଟନ ସୁନ୍ଦର (ଜଙ୍ଘ ମାଂସପେଶୀ ଷ୍ଟ୍ରେନ) ପରି ଖେଳାଳିମାନେ ବିଭିନ୍ନ ଆଘାତ ଯୋଗୁ ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିପାରିବେ ନାହିଁ। ଆକାଶ ଦୀପ (ଷ୍ଟ୍ରେସ ଫ୍ରାକ୍ଚର) ସବୁଠାରୁ ଦୀର୍ଘ ସମୟ ପାଇଁ ବାଦ ଦିଆଯାଇଛି। ରଣଜୀ ଟ୍ରଫି ସେମିଫାଇନାଲରେ ବଙ୍ଗଳାର ପରାଜୟ ପରଠାରୁ ସେ କାର୍ଯ୍ୟରୁ ବାହାରେ ଅଛନ୍ତି।

ଏହା ବ୍ୟତୀତ, ହାର୍ଦ୍ଦିକ ପାଣ୍ଡ୍ୟା (ଜଙ୍ଘ ମାଂସପେଶୀରେ ଷ୍ଟ୍ରେନ), ବରୁଣ ଚକ୍ରବର୍ତ୍ତୀ (ମାଂସପେଶୀରେ ଷ୍ଟ୍ରେନ), ଏବଂ ପ୍ରିନ୍ସ ଯାଦବ (ମାଂସପେଶୀରେ ଷ୍ଟ୍ରେନ) ମଧ୍ୟ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଅଛନ୍ତି, ଯେଉଁଠାରେ କ୍ରୀଡା ବିଜ୍ଞାନ ଦଳ ପ୍ରବଳ ଚାପରେ ଅଛି। ୨୦୨୫ ପ୍ରାରମ୍ଭରେ ନୀତିନ ପଟେଲଙ୍କ ଇସ୍ତଫା ପରଠାରୁ ବିଭାଗ ମୁଖ୍ୟ ବିନା ରହିଛି। ବର୍ତ୍ତମାନ, ଏହି ସମସ୍ତ ଖେଳାଳିଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ଯଥାଶୀଘ୍ର ପଡ଼ିଆକୁ ଫେରାଇ ଆଣିବା ହେଉଛି ସବୁଠାରୁ ବଡ଼ ଚ୍ୟାଲେଞ୍ଜ।

ବିସିସିଆଇର ଏକ ସୂତ୍ର ନାମ ଗୋପନ ରଖି ପିଟିଆଇକୁ କହିଛନ୍ତି, 'ହଁ, ସଚିବ ସାଇକିଆ ପରିସ୍ଥିତିର ସମୀକ୍ଷା କରିବା ପାଇଁ ଭିଭିଏସ ଲକ୍ଷ୍ମଣଙ୍କ ସହ ବେଙ୍ଗାଲୁରୁରେ ରହିବେ। ଉଭୟଙ୍କ ମଧ୍ୟରେ ଏକ ବୈଠକ ସ୍ଥିର ହୋଇଛି। ଜାତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର କିମ୍ବା ଚୟନ କମିଟିର ଅଧ୍ୟକ୍ଷ ଅଜିତ ଅଗରକର ଅନଲାଇନ ବୈଠକରେ ଯୋଗ ଦେବେ କି ନାହିଁ ତାହା ଏପର୍ଯ୍ୟନ୍ତ ଜଣା ନାହିଁ। ସମସ୍ତ କଳ୍ପନାଜଳ୍ପନା ମଧ୍ୟରେ, ସାଇକିଆ ଏବଂ ଲକ୍ଷ୍ମଣ ଗଣମାଧ୍ୟମର ପ୍ରଶ୍ନର ଉତ୍ତର ଦେବେ କି ନାହିଁ ତାହା ଦେଖିବା ଆକର୍ଷଣୀୟ ହେବ।' ହର୍ଷିତ ରାଣା ଇଂଲଣ୍ଡରେ ପହଞ୍ଚିବା ପରେ ତାଙ୍କର ଓଜନ ବଢି ଯାଇଥିବାରୁ ଚୟନ କମିଟି ମଧ୍ୟ ଅସନ୍ତୁଷ୍ଟ ଥିଲା। ସେହିପରି, କମିଟିକୁ ପ୍ରଥମେ ସୂଚନା ଦିଆଯାଇଥିଲା ଯେ ବୁମରାହ ଏବଂ ସୁଦର୍ଶନ ଦୁଇଟି ଟେଷ୍ଟ ମ୍ୟାଚ ମଧ୍ୟରୁ ଅତି କମରେ ଗୋଟିଏ ପାଇଁ ଉପଲବ୍ଧ ହେବେ; ତଥାପି, ପରେ ପରିସ୍ଥିତି ସ୍ପଷ୍ଟ କରିଥିଲା ଯେ ବୁମରାହ ତାଙ୍କ ଆଘାତ ପରେ ଆଣ୍ଠୁ ଫୁଲି (ପାଣି ଧରି ରଖିବା) ଅନୁଭବ କରୁଥିଲେ, ଯାହା ଠିକ୍ ପାଇଁ ଅଧିକ ସମୟ ଲାଗିବ।




# ଅବସର ପରେ ମଧ୍ୟ ବିରାଟ-ଧୋନିଙ୍କୁ ଟକ୍କର ଦେଉଛନ୍ତି ସଚିନ

**ନୂଆଦିଲ୍ଲୀ**

ସଚିନ ତେନ୍ଦୁଲକର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାର ଏକ ଦଶନ୍ଧିରୁ ଅଧିକ ସମୟ ବିତିଗଲାଣି। ସେ ନଭେମ୍ବର ୧୬, ୨୦୧୩ରେ ଖେଳକୁ ବିଦାୟ ଦେଇଥିଲେ। ବର୍ଷ ବର୍ଷ ବିତିବା ସତ୍ତ୍ୱେ, ସଚିନଙ୍କ ଲୋକପ୍ରିୟତା ଏବଂ ରୋଜଗାର ବୃଦ୍ଧି ପାଇଛି। ଖେଳ ଛାଡିବା ପରେ ମଧ୍ୟ ସେ ବିଶ୍ୱର ସବୁଠାରୁ ଧନୀ କ୍ରିକେଟରଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି।

ରୋଜଗାର ଦୃଷ୍ଟିରୁ, ସଚିନ ତେନ୍ଦୁଲକର ବିରାଟ କୋହଲି ଏବଂ ଏମଏସ ଧୋନିଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ୨୦୨୫ ପାଇଁ ସଦ୍ୟ ପ୍ରକାଶିତ ସେଲିବ୍ରିଟି ବ୍ରାଣ୍ଡ ମୂଲ୍ୟ ରିପୋର୍ଟ ଅନୁଯାୟୀ, ସଚିନ ତେନ୍ଦୁଲକରଙ୍କ ବ୍ରାଣ୍ଡ ମୂଲ୍ୟ ୧୨୫.୯ ନିୟୁତ ଡଲାର ଆକଳନ କରାଯାଇଛି। ସେ କେବଳ ବିରାଟ କୋହଲିଙ୍କୁ ପଛରେ ପକାଇ ସବୁଠାରୁ ଧନୀ କ୍ରିକେଟରଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

ବିରାଟ କୋହଲି ୧୫୮.୪ ନିୟୁତ ଡଲାର ବ୍ରାଣ୍ଡ ମୂଲ୍ୟ ସହିତ ତାଲିକାର ଶୀର୍ଷରେ ଅଛନ୍ତି, ଯାହା ପ୍ରାୟ ୧,୫୦୦ କୋଟି ଟଙ୍କା ସମାନ। ସଚିନ ତେନ୍ଦୁଲକର ୧୨୫.୯ ନିୟୁତ ଡଲାର ବ୍ରାଣ୍ଡ ମୂଲ୍ୟ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି, ଯେତେବେଳେ ଏମଏସ ଧୋନି ତୃତୀୟ ସ୍ଥାନରେ ଅଛନ୍ତି। ଏମାନେ କେବଳ ତିନି ଜଣ ଭାରତୀୟ କ୍ରିକେଟର ଯାହାଙ୍କ ବ୍ରାଣ୍ଡ ମୂଲ୍ୟ ୧୦୦ ନିୟୁତ ଡଲାର ଅତିକ୍ରମ କରିଛି।

ଅବସର ନେବା ପରଠାରୁ, ସଚିନ ତେନ୍ଦୁଲକରଙ୍କ ଆୟର ପ୍ରାଥମିକ ଉତ୍ସ ହେଉଛି ବ୍ରାଣ୍ଡ ସମ୍ପାଦନ ଏବଂ ବ୍ୟବସାୟିକ ନିବେଶ। ସେ ତାଙ୍କର ନିଜସ୍ୱ କମ୍ପାନୀ, ଏସଆରଟି ସ୍ପୋର୍ଟସ ମ୍ୟାନେଜମେଣ୍ଟ, ଚଳାଉଛନ୍ତି, ଯାହାକୁ ସେ ଅଗଷ୍ଟ ୨୦୧୫ ରେ ପ୍ରତିଷ୍ଠା କରିଥିଲେ। ତାଙ୍କୁ ପ୍ରାୟତଃ ଟେଲିଭିଜନ ବିଜ୍ଞାପନରେ ବିଭିନ୍ନ ବ୍ରାଣ୍ଡର ପ୍ରଚାର କରିବାକୁ ଦେଖାଯାଏ, ଯେପରିକି ଲ୍ୟୁମିନାସ ଟେକ୍ନୋଲୋଜି (ଇନଭର୍ଟର ଏବଂ ବ୍ୟାଟେରୀ) ଠାରୁ ଆରମ୍ଭ କରି ଜିଲେଟ ଏବଂ ବ୍ୟାଙ୍କ ଅଫ ବରୋଦା ପର୍ଯ୍ୟନ୍ତ, ଏହି କାର୍ଯ୍ୟ ପାଇଁ ସେ କୋଟି କୋଟି ଟଙ୍କା ରୋଜଗାର କରନ୍ତି।

ରିପୋର୍ଟଗୁଡ଼ିକ ସୂଚିତ କରେ ଯେ ସଚିନ କେବଳ ବ୍ରାଣ୍ଡ ସମ୍ପାଦନରୁ ବାର୍ଷିକ ୧୮ କୋଟିରୁ ୨୦ କୋଟି ଟଙ୍କା ରୋଜଗାର କରନ୍ତି। ଏହି ତାଲିକାରେ ତାଙ୍କର ଅନ୍ତର୍ଭୁକ୍ତି ବିଶେଷ ଭାବରେ ଆଶ୍ଚର୍ଯ୍ୟଜନକ କାରଣ ବିରାଟ କୋହଲି ଏବଂ ଏମଏସ ଧୋନି ଉଭୟ ଏବେ ବି ଖେଳର ବିଭିନ୍ନ ଫର୍ମାଟରେ ସକ୍ରିୟ ଅଛନ୍ତି; ବିରାଟ ଓଡିଆଇ ଏବଂ ଆଇପିଏଲ୍ ଖେଳନ୍ତି, ଯେତେବେଳେ ଧୋନି ଇଣ୍ଡିଆନ ପ୍ରିମିୟର ଲିଗରେ ସକ୍ରିୟ ଅଛନ୍ତି। କିନ୍ତୁ ସଚିନ ବର୍ଷ ବର୍ଷ ପୂର୍ବରୁ କ୍ରିକେଟକୁ ବିଦାୟ ଦେଇଥିଲେ।




# ଆତ୍ମନିର୍ଭର ମେଡଟେକ୍: ସୁଲଭ ସ୍ୱାସ୍ଥ୍ୟସେବା, ବିକଶିତ ଭାରତର ଆଧାର



**ଶ୍ରୀ ଜଗତ ପ୍ରକାଶ ନଡ୍ଡା**
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଏବଂ ରସାୟନ ଓ ସାର ମନ୍ତ୍ରୀ

ଗତ ଏକ ଦଶନ୍ଧି ମଧ୍ୟରେ ଭାରତରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିର ଅଭୂତପୂର୍ବ ପ୍ରସାର ଦେଖାଯାଇଛି । ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ହସ୍ପିଟାଲ, ଜନ ସ୍ୱାସ୍ଥ୍ୟ କେନ୍ଦ୍ର (ପି.ଏଚ.ସି.), ଡାଇଗ୍ନୋଷ୍ଟିକ୍ ସେଣ୍ଟର, ମେଡିକାଲ କଲେଜର ସଂଖ୍ୟାରେ ଦ୍ରୁତ ବୃଦ୍ଧି ସ୍ୱାସ୍ଥ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଭାରତ ସରକାରଙ୍କ ନାଗରିକ କୈନ୍ଦ୍ରିକ ନୀତିର ପ୍ରମାଣ ପ୍ରଦାନ କରେ । ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ସରକାର ପ୍ରତ୍ୟେକ ନାଗରିକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁଲଭ ଭାବରେ ଉପଲବ୍ଧ କରିବା ଦିଗରେ କାର୍ଯ୍ୟ କରିଆସୁଛନ୍ତି। ଏହି ଅକ୍ଲାନ୍ତ ପ୍ରତିବଦ୍ଧତା ଗତ କିଛି ବର୍ଷ ମଧ୍ୟରେ ଦେଶରେ ସ୍ୱାସ୍ଥ୍ୟସେବା ପାଇଁ ପକେଟରୁ ହେଉଥିବା ଖର୍ଚ୍ଚ ୬୫ ପ୍ରତିଶତରୁ ୪୩ ପ୍ରତିଶତକୁ ହ୍ରାସ ପାଇଛି ।

ଜିଲ୍ଲା ହସ୍ପିଟାଲରେ ନବଜାତ ଶିଶୁଙ୍କ ଠାରୁ ଆରମ୍ଭ କରି ତୃତୀୟ ସ୍ତରୀୟ ଚିକିତ୍ସା କେନ୍ଦ୍ରରେ କର୍କଟ ରୋଗୀଙ୍କ ନିମନ୍ତେ ଚିକିତ୍ସା ସେବା ପର୍ଯ୍ୟନ୍ତ, ନିର୍ଭରଯୋଗ୍ୟ, ଉଚ୍ଚ-ଗୁଣବତ୍ତାଯୁକ୍ତ କିନ୍ତୁ ସୁଲଭ ଚିକିତ୍ସା ଉପକରଣ ଆଧୁନିକ ସ୍ୱାସ୍ଥ୍ୟସେବା ପାଇଁ ଅପରିହାର୍ଯ୍ୟ ହୋଇସାରିଛି । ପ୍ରଧାନମନ୍ତ୍ରୀ- ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ (ପିଏମ-ଏବିଏଚଆଇଏମ୍) ଅଧୀନରେ ପରୀକ୍ଷାଗାରଗୁଡ଼ିକର ଉନ୍ନତୀକରଣ, ଗୁରୁତର ଚିକିତ୍ସା ଭିତ୍ତିଭୂମି, ରୋଗ ନିରୀକ୍ଷଣ ବ୍ୟବସ୍ଥା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାରେ ନିବେଶ ମାଧ୍ୟମରେ ସରକାର ଉଭୟ ଗ୍ରାମୀଣ ଓ ସହରାଞ୍ଚଳର ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରୁଛନ୍ତି । ଭାରତ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଆଡକୁ ଅଗ୍ରସର ହେଉଥିବାରୁ, ସ୍ୱାସ୍ଥ୍ୟସେବାକୁ ଅଧିକ ସୁଲଭ, ସୁଗମ ଏବଂ ସ୍ଥିର କରିବା ପାଇଁ ଏକ ଆତ୍ମନିର୍ଭର ମେଡଟେକ୍ ଇକୋସିଷ୍ଟମ ନିର୍ମାଣ ଉପରେ ସମ୍ପ୍ରତି ଧ୍ୟାନ ଦିଆଯାଉଛି ।

ଐତିହାସିକ ଭାବରେ, ଭାରତ ଅନେକ ଅତ୍ୟାଧୁନିକ ଚିକିତ୍ସା ଉପକରଣ ପାଇଁ ପୂର୍ବରୁ ଆମଦାନୀ ଉପରେ ଅତ୍ୟଧିକ ମାତ୍ରାରେ ନିର୍ଭର କରୁଥିଲା । ଯଦିଓ ଏହି ପ୍ରଯୁକ୍ତିଗୁଡ଼ିକ ସ୍ୱାସ୍ଥ୍ୟସେବାର ମାନକୁ ଉନ୍ନତ କରିଥିଲା, ତଥାପି ଏହା ଚିକିତ୍ସା ଖର୍ଚ୍ଚ ବୃଦ୍ଧି, ଯୋଗାଣ ଶୃଙ୍ଖଳାର ଦୁର୍ବଳତା ଏବଂ ଏହି ଉପକରଣଗୁଡ଼ିକର ସୀମିତ ଉପଲବ୍ଧତା ଭଳି ସମସ୍ୟା ସୃଷ୍ଟି କରିଥିଲା। ଏହାକୁ ସ୍ୱୀକାର କରି, ଜାତୀୟ ଚିକିତ୍ସା ଉପକରଣ ନୀତି ୨୦୨୩ ନୂତନ ପ୍ରଯୁକ୍ତିବିଦ୍ୟା ପାଇଁ ଘରୋଇ ଉତ୍ପାଦନ କ୍ଷମତା ଏବଂ କ୍ଷମତା ବୃଦ୍ଧି କରିବାକୁ ବାଧ୍ୟତାମୂଳକ କରିଛି ଯାହା ଦ୍ୱାରା ଚିକିତ୍ସା ଉପକରଣଗୁଡ଼ିକୁ ସୁଲଭ କରାଯାଇ ପାରିବ ଏବଂ ଏହା ଦ୍ୱାରା ନିଦାନ ଖର୍ଚ୍ଚ ହ୍ରାସ କରାଯାଇ ପାରିବ । ସରକାର ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପି.ଏଲ.ଆଇ.) ଯୋଜନା, ମେଡିକାଲ ଡିଭାଇସ୍ ପାର୍କ ଏବଂ ଫାର୍ମା-ମେଡଟେକ୍ (ପି.ଆର.ଆଇ.ପି.) ଯୋଜନା ଭଳି ପଦକ୍ଷେପ ମାଧ୍ୟମରେ ମେଡିକାଲ ଡିଭାଇସ୍ ଇକୋସିଷ୍ଟମକୁ ମଜବୁତ କରିବା ପାଇଁ ଏକ ବ୍ୟାପକ ରଣନୀତି ଗ୍ରହଣ କରିଛନ୍ତି । ଏହି ପଦକ୍ଷେପଗୁଡ଼ିକ ଉତ୍ପାଦନ, ନବସୃଜନ, ନିବେଶ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକତା ପାଇଁ ଏକ ସକ୍ଷମ ଇକୋସିଷ୍ଟମ ସୃଷ୍ଟି କରୁଛି ।

ଏହାର ଫଳାଫଳ ଅତ୍ୟନ୍ତ ଉତ୍ସାହଜନକ । ପି.ଏଲ.ଆଇ. ଯୋଜନା ଅଧୀନରେ ୫୦ରୁ ଅଧିକ ଉଚ୍ଚମାନର ଚିକିତ୍ସା ଉପକରଣର ଉତ୍ପାଦନ ଆରମ୍ଭ ହୋଇଛି । ଭାରତ ଉପରେ ବିଶ୍ୱ ନିବେଶକଙ୍କ ବଢୁଥିବା ବିଶ୍ୱାସ ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ, ଯାହା ଏହି କ୍ଷେତ୍ରରେ ନିରନ୍ତର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶରେ ପ୍ରତିଫଳିତ ହୁଏ । ଏହି ସଫଳତାଗୁଡ଼ିକ ଦର୍ଶାଉଛି ଯେ ଭାରତ ବିଶ୍ୱ ମେଡଟେକ୍ ମୂଲ୍ୟ ଶୃଙ୍ଖଳରେ ଏକ ବିଶ୍ୱସ୍ତ ଅଂଶୀଦାର ଭାବରେ ସ୍ଥିର ଭାବରେ ଉଭା ହେଉଛି ।

ଏକ ଉତ୍ପାଦନ କେନ୍ଦ୍ର ହେବା ବ୍ୟତୀତ, ଭାରତ ନାଗରିକଙ୍କ ଜୀବନକୁ ଉନ୍ନତ କରିବା ପାଇଁ ଚିକିତ୍ସା ପ୍ରଯୁକ୍ତିବିଦ୍ୟାର ଉନ୍ନତିକୁ ମଧ୍ୟ ଦ୍ରୁତ ଗତିରେ ଗ୍ରହଣ କରୁଛି । ଉନ୍ନତ ନିଦାନ ବ୍ୟବସ୍ଥା, ଇମେଜିଂ ସିଷ୍ଟମ, ଇମ୍ପ୍ଲାଣ୍ଟ, ଇଣ୍ଟେନ୍ସିଭ୍ କେୟାର ଉପକରଣ ଏବଂ ଡିଜିଟାଲ ସ୍ୱାସ୍ଥ୍ୟ ସମାଧାନର ସୁଲଭ ଉପଲବ୍ଧତା ରୋଗୀମାନଙ୍କ ଉପରେ ଥିବା ଆର୍ଥିକ ବୋଝକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ସହିତ ଚିକିତ୍ସାର ଗୁଣବତ୍ତା ଓ ସମୟୋପଯୋଗିତାକୁ ମଧ୍ୟ ବୃଦ୍ଧି କରୁଛି। ଘରୋଇ ଉତ୍ପାଦନ ଏହି ଲକ୍ଷ୍ୟକୁ ସିଧାସଳଖ ଭାବେ ସାକାର କରିବାରେ ସହାୟକ ହେଉଛି। ଏହା ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା, ଯୋଗାଣ ଶୃଙ୍ଖଳାର ସ୍ଥିରତା ଓ ସହନଶୀଳତା ବୃଦ୍ଧି କରିବା ସହିତ ଖର୍ଚ୍ଚ ହ୍ରାସ ଓ ଦକ୍ଷତା ବୃଦ୍ଧି ପାଇଁ ନୂଆ ସୁଯୋଗ ସୃଷ୍ଟି କରୁଛି। ।

ଭାରତର ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ଔଷଧ ଶିଳ୍ପ, ସୁଦୃଢ଼ ଇଞ୍ଜିନିୟରିଂ କ୍ଷମତା, ଦ୍ରୁତଗତିରେ ବିକଶିତ ହେଉଥିବା ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ସକ୍ରିୟ ଷ୍ଟାର୍ଟଅପ୍ ପରିବେଶ ଏବଂ ଦକ୍ଷ ମାନବ ସମ୍ବଳ ଭବିଷ୍ୟତ ପିଢ଼ିର ଚିକିତ୍ସା ପ୍ରଯୁକ୍ତି ବିକାଶ ପାଇଁ ଏକ ସୁଦୃଢ଼ ଭିତ୍ତି ପ୍ରଦାନ କରୁଛି। କୃତ୍ରିମ ବୁଦ୍ଧିମତ୍ତା, ଚିକିତ୍ସା ଉପକରଣ ଭାବେ ସଫ୍ଟୱେର (ଏସ.ଏ.ଏମ.ଡି.), ପରସ୍ପର ସଂଯୁକ୍ତ ଚିକିତ୍ସା ଉପକରଣ, ରୋବୋଟିକ୍ସ ଏବଂ ଦୂରସ୍ଥ ନିଦାନ ଭଳି ଉଦୀୟମାନ କ୍ଷେତ୍ରଗୁଡ଼ିକ ଭାରତକୁ ଦେଶୀୟ ତଥା ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ପୂରଣ ପାଇଁ ନୂତନ ଉଦ୍ଭାବନ କରିବାର ସୁଯୋଗ ଦେଉଛି ।

ଭାରତୀୟ ନିର୍ମାତାମାନେ ବିଶ୍ୱ ସ୍ତରରେ ବିଶ୍ୱସନୀୟତା ବିସ୍ତାର କରୁଥିବାରୁ, ଗୁଣବତ୍ତା ମଧ୍ୟ ବ୍ରାଣ୍ଡ୍ ଇଣ୍ଡିଆ ମେଡ଼ଟେକର ଏକ ପରିଭାଷିତ ବୈଶିଷ୍ଟ୍ୟ ହୋଇପଡୁଛି । ସରକାର ନିୟାମକ ପ୍ରଣାଳୀକୁ ସୁଦୃଢ଼ କରିବା, ସ୍ୱୀକୃତିପ୍ରାପ୍ତ ପରୀକ୍ଷଣ ଭିତ୍ତିଭୂମିକୁ ବିସ୍ତାର କରିବା, କ୍ଲିନିକାଲ୍ ପ୍ରମାଣ ସୃଷ୍ଟିକୁ ପ୍ରୋତ୍ସାହିତ କରିବା ଏବଂ ରୋଗୀ ସୁରକ୍ଷା ଏବଂ ବିଶ୍ୱ ପ୍ରତିଯୋଗିତାମୂଳ ଭାବନାକୁ ବୃଦ୍ଧି କରିବା ପାଇଁ ଅନ୍ତର୍ଜାତୀୟ ମାନଦଣ୍ଡ ସହିତ ସମନ୍ୱୟ ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି ।

ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ ମେଡଟେକ୍ ଇକୋସିଷ୍ଟମ ଗଠନ କରିବା ପାଇଁ ସରକାର, ଶିଳ୍ପ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ଷ୍ଟାର୍ଟ- ଅପ୍ ଏବଂ ନିବେଶକମାନଙ୍କ ମଧ୍ୟରେ ଘନିଷ୍ଠ ସହଯୋଗ ରକ୍ଷା ଏକାନ୍ତ ଆବଶ୍ୟକ। ଯେତେବେଳେ ଚିନ୍ତାଧାରା ପରୀକ୍ଷାଗାରରୁ ଉତ୍ପାଦନ ସୁବିଧା ଏବଂ ଶେଷରେ ରୋଗୀଙ୍କ ନିକଟକୁ ସୁଗମ ଭାବରେ ସ୍ଥାନାନ୍ତରିତ ହୁଏ, ସେତେବେଳେ ନବସୃଜନ ତା'ର ଲକ୍ଷ୍ୟ ହାସଲ କରିଛି ବୋଲି ହୃଦବୋଧ ହୁଏ । ଏଥି ନିମନ୍ତେ ସରକାର ଏକ ସ୍ଥିର ଏବଂ ସ୍ୱଚ୍ଛ ନୀତି ବାତାବରଣ ପ୍ରଦାନ କରିବାକୁ ପ୍ରତିବଦ୍ଧ ଯାହା ଗବେଷଣା, ପୁଞ୍ଜି ନିବେଶ, ପ୍ରଯୁକ୍ତିବିଦ୍ୟା ସହଭାଗୀତା ଏବଂ ବ୍ୟବସାୟ କରିବାର ସହଜତାକୁ ଉତ୍ସାହିତ କରେ ।

ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ଅଗ୍ରସର ହେବା ସହିତ, ସ୍ୱାସ୍ଥ୍ୟସେବା ଏବଂ ଅର୍ଥନୈତିକ ଅଭିବୃଦ୍ଧି ପରସ୍ପରକୁ ଅଧିକ ସୁଦୃଢ଼ କରିବ । ଏକ ଦୃଢ଼ ଚିକିତ୍ସା ଉପକରଣ କ୍ଷେତ୍ର ଉଚ୍ଚ-ମୂଲ୍ୟର ଉତ୍ପାଦନ, କୁଶଳୀ ନିଯୁକ୍ତି, ରପ୍ତାନି ଏବଂ ପ୍ରଯୁକ୍ତିଗତ କ୍ଷମତା ସୃଷ୍ଟି କରେ ଏବଂ ଏକାସଙ୍ଗେ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଲଭ, ସୁଗମ ଏବଂ ସୁଦୃଢ଼ କରିଥାଏ ।

ଭାରତର ମେଡଟେକ୍ (MedTech) କ୍ଷେତ୍ର ଏସିଆର ଚତୁର୍ଥ ବୃହତ୍ତମ ବଜାର ହୋଇଥିବା ବେଳେ, ବିଶ୍ୱସ୍ତରରେ ଶୀର୍ଷ ୨୦ଟି ବଜାର ମଧ୍ୟରେ ସ୍ଥାନ ପାଇଛି। ବର୍ତ୍ତମାନ ୧୫ରୁ ୧୬ ବିଲିୟନ ଡଲାର ମୂଲ୍ୟର ଏହି ବଜାର ପ୍ରାୟ ୧୨ ପ୍ରତିଶତ ସି.ଏ.ଜି.ଆର. ହିସାବରେ ବୃଦ୍ଧି ପାଇଚାଲିଛି । ଏହାକୁ ଦେଶର ସବୁଠାରୁ ଦ୍ରୁତ ବୃଦ୍ଧି ପାଉଥିବା ଉତ୍ପାଦନ କ୍ଷେତ୍ର ମଧ୍ୟରୁ ଅନ୍ୟତ୍ର ଭାବରେ ପରିଚିତ କରିଛି । ବିକଶିତ ଭାରତର ଦୃଷ୍ଟିକୋଣ ଗୁଣବତ୍ତା, ନବସୃଜନ ଏବଂ ସମାଯୋଜନରେ ନିହିତ ବିଶ୍ୱ ନେତୃତ୍ୱ ନିର୍ମାଣ ଉପରେ ଅଧିକ ଗୁରୁତ୍ୱାରୋପ କରେ । ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ଠାରୁ ଅଣ- ସଂକ୍ରାମକ ରୋଗ, ଜରୁରୀକାଳୀନ ଚିକିତ୍ସା, କର୍କଟ, ହୃଦରୋଗ ଏବଂ ଗ୍ରାମୀଣ ସ୍ୱାସ୍ଥ୍ୟସେବା ପ୍ରଦାନ ପର୍ଯ୍ୟନ୍ତ ଭାରତର ସାର୍ବଜନୀନ ସ୍ୱାସ୍ଥ୍ୟ ପ୍ରାଥମିକତାକୁ ପୂରଣ କରିବା ପାଇଁ ସରକାର ନିଷ୍ଠାର ସହିତ କାର୍ଯ୍ୟ କରୁଛନ୍ତି । ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ, ଭାରତ ସ୍ଥିର ଭାବରେ ଏକ ଆତ୍ମନିର୍ଭର ମେଡଟେକ୍ ଇକୋସିଷ୍ଟମ ନିର୍ମାଣ କରୁଛି । ଏହା କେବଳ ଭାରତରେ ଚିକିତ୍ସା ଉପକରଣ ଉତ୍ପାଦନ କରିବାର ବିଷୟ ନୁହେଁ; ବରଂ ପ୍ରତ୍ୟେକ ନାଗରିକଙ୍କୁ ସମୟୋପଯୋଗୀ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସୁବିଧା ପ୍ରଦାନ, ସ୍ୱାସ୍ଥ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ମାନବଜାତିର ଉତ୍ତମ ସ୍ୱାସ୍ଥ୍ୟ ଦିଗରେ ଭାରତକୁ ଏକ ବିଶ୍ୱସନୀୟ ବିଶ୍ୱସ୍ତରୀୟ ଅଂଶୀଦାର ଭାବେ ପ୍ରତିଷ୍ଠିତ କରିବାର ଏକ ବ୍ୟାପକ ଲକ୍ଷ୍ୟ।

# ରାଜ୍ୟ ଓ ଜାତୀୟସ୍ତରୀୟ କୃତୀ କ୍ରୀଡ଼ାବିତ୍ ଏବଂ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧନା



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଗଠନ ଓ ଜିଲ୍ଲା ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ତରଫରୁ ଜାତୀୟ ସ୍ତରୀୟ ଏବଂ ରାଜ୍ୟ ସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିବା କୃତୀ କ୍ରୀଡ଼ାବିତ୍ ଏବଂ କ୍ରିଡ଼ା ପରିଚାଳକ ମାନଙ୍କୁ ସମ୍ବର୍ଦ୍ଧନା ଉତ୍ସ ସ୍ଥାନୀୟ ପିଏମ୍ ଶ୍ରୀ ଜିଲ୍ଲା ସ୍କୁଲ୍ ଯାଜପୁର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷାଧିକାରୀଙ୍କ ସଭା ପତିତ୍ୱରେ ଅନୁଷ୍ଠିତ ସଭାରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ ଆଗାମୀ ଯୁବପିଢି ପାଇଁ ଏହା ପ୍ରେରଣା ଯୋଗାଇ ବାରେ ସହାୟକ ହେବ ଏବଂ କ୍ରିଡ଼ା ପ୍ରତି ଆଗ୍ରହ ବୃଦ୍ଧି ପାଇବ। ଆଜିର ଛାତ୍ର ଛାତ୍ରୀ ତାଙ୍କର କ୍ରୀଡା ପ୍ରତି ଆଗ୍ରହ ଓ କଠିନ ପରିଶ୍ରମ ଓ ଅଧ୍ୟାବସାୟ ବଳରେ ସେମାନେ ତାଙ୍କର ଭବିଷ୍ୟତ ଗଢି ସଫଳତା ହାସଲ କରିପାରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ତାଙ୍କ ବକ୍ତବ୍ୟରେ କହିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରଶଂସା କରିବା ସହିତ ସେମାନଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନେ ଏହିପରି ଭାବେ ନିଷ୍ଠାର ସହିତ ଉଦ୍ୟମ ଜାରି ରଖିଲେ ସେମାନେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ଓ କ୍ରୀଡା ମାଧ୍ୟମରେ ବହୁତ୍ ଆଗକୁ ଯାଇ ପାରିବେ ବୋଲି ଶିକ୍ଷାଧିକାରୀ ଶ୍ରୀ ସାହୁ ତାଙ୍କ ଅଭିଭାଷଣରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଆଲୋକ କୁମାର ବନ୍ଧ, ସୁରମା ମହାପାତ୍ର, ସବିତା ସାହୁ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରଶଂସା କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ସବିତା ନାୟକ ଅତିଥି ମାନକ ପରିଚୟ ପ୍ରଦାନ କରିଥିଲେ।

ଏହି ଉତ୍ସବରେ ଜିଲ୍ଲା କ୍ରୀଡାଧିକାରୀ ଫକୀର ମୋହନ ଟୁଡୁ, ହ୍ୟାଣ୍ଡବଲ୍ ଆସୋସିଏସନ୍ ର ପ୍ରେସିଡେଣ୍ଟ ରମେଶ ଚନ୍ଦ୍ର ପୃଷ୍ଟି , ଯାଜପୁର ଜିଲ୍ଲା ପାରା ସ୍ପୋର୍ଟସ ଆସୋସିଏସନ୍ ର ସେକ୍ରେଟାରୀ ମଣ୍ଟୁ ଦାସ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୮ଜଣ ଜାତୀୟ ସ୍ତରରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗି ଓ ୩୧ଜଣ ରାଜ୍ୟ ସ୍ତରୀୟ ପ୍ରତିଯୋଗୀତାରେ ପଦକ ହାସଲ କରି ଥିବା ପ୍ରତିଯୋଗୀ ଏବଂ ୨୧ ଜଣ ଅଧିକାରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଏହି କାର୍ଯ୍ୟକର୍ମକୁ ଦଶଟି ମଣ୍ଡଳ ସମ୍ପାଦକ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ରାଜେଶ କୁମାର ସେଠୀ , ସୋନାଲୀ ସାହୁ, ରୂପସୀ ଲେଙ୍କା, ହରିହର ବିଶ୍ୱାଳ, ଶଙ୍କର୍ଷଣ ବେହେରା, ମିନତି ନାୟକ, ଖଗେଶ୍ୱର ରାଉତ, ସଞ୍ଜୁଲତା ମହାନ୍ତି, ସୁବାସ ବାରିକ, ନିରଞ୍ଜନ ଶତପଥୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିଥିଲେ।



# ପଣ୍ୟ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ପ୍ରଦର୍ଶନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଚାରି ମାସରେ ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖିଛି। ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ମୋଟ ୮୧.୪୦ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଛି। ରେଳ ନେଟୱାର୍କର ସାମ୍ପ୍ରତିକ ପୁନର୍ଗଠନ ଏବଂ ନୂତନ ରାୟଗଡ଼ା ରେଳ ମଣ୍ଡଳ ଗଠନ ପରିପ୍ରେକ୍ଷୀରେ ଏହି ସଫଳତା ବିଶେଷ ଗୁରୁତ୍ୱ ବହନ କରୁଛି। ମଣ୍ଡଳଗୁଡ଼ିକ ମଧ୍ୟରେ, ୨୦୨୬ ଏପ୍ରିଲ-ଜୁଲାଇ ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ୫୯.୦୨ ଏମ୍‌ଟି, ରାୟଗଡ଼ା ମଣ୍ଡଳ ୧୩.୭୧ ଏମ୍‌ଟି ଏବଂ ସମ୍ବଲପୁର ମଣ୍ଡଳ ୮.୬୭ ଏମ୍‌ଟି ମାଲ୍ ପରିବହନ ପରିଚାଳନା କରିଛନ୍ତି। ନବଗଠିତ ରାୟଗଡ଼ା ରେଳ ମଣ୍ଡଳ ପୂର୍ବତଟ ରେଳପଥର ପଣ୍ୟ ପରିବହନ ପ୍ରଦର୍ଶନରେ ଉଲ୍ଲେଖନୀୟ ଯୋଗଦାନ ଦେଇଛି। ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ୧୩.୭୧ ନିୟୁତ ଟନ୍ ପଣ୍ୟ ପରିବହନ ପରିଚାଳନା କରିଛି, ଯାହା ପୁନର୍ଗଠିତ ରେଳ ନେଟୱର୍କ ମଧ୍ୟରେ ପଣ୍ୟ ପରିବହନ କ୍ଷେତ୍ରରେ ରାୟଗଡ଼ା ରେଳ ମଣ୍ଡଳର ବଢୁଥିବା ଭୂମିକାକୁ ଏହା ପ୍ରତିଫଳିତ କରୁଛି। କେବଳ ଜୁଲାଇ ୨୦୨୬ ମାସରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ୩.୧୪ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଛି। ରେଳ ମଣ୍ଡଳର ପ୍ରମୁଖ ପଣ୍ୟ ମଧ୍ୟରେ ଲୌହପଥର ପରିବହନ ଜାରି ରହିଛି। ଜୁଲାଇ ମାସରେ ୨.୨୮ ନିୟୁତ ଟନ୍ ଲୌହପଥର ବୋଝେଇ କରାଯାଇଥିବା ବେଳେ ବକ୍ସାଇଟ୍ ବୋଝେଇ ୦.୧୯ ନିୟୁତ ଟନ୍ ରହିଛି। ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ପୂର୍ବତଟ ରେଳପଥର ପଣ୍ୟ ବୋଝେଇରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ୫୯.୦୨ ନିୟୁତ ଟନ୍, ରାୟଗଡ଼ା ରେଳ ମଣ୍ଡଳ ୧୩.୭୧ ନିୟୁତ ଟନ୍ ଏବଂ ସମ୍ବଲପୁର ରେଳ ମଣ୍ଡଳ ୮.୬୭ ନିୟୁତ ଟନ୍ ଅବଦାନ ରଖିଛନ୍ତି। ଏହାଫଳରେ ପୂର୍ବତଟ ରେଳପଥର ମୋଟ ପ୍ରାରମ୍ଭିକ ପଣ୍ୟ ବୋଝେଇ ୮୧.୪୦ ନିୟୁତ ଟନରେ ପହଂଚିଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଏହି ସଫଳତା ପାଇଁ ପୂର୍ବତଟ ରେଳପଥର ବିଭିନ୍ନ ମଣ୍ଡଳ ଓ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ନିଷ୍ଠାପର ପ୍ରୟାସକୁ ପ୍ରଶଂସା କରିଛନ୍ତି। ପଣ୍ୟ ପରିବହନ କ୍ଷେତ୍ରରେ ଏହି ଅଭିବୃଦ୍ଧିର ଧାରାକୁ ବଜାୟ ରଖିବା, ପରିଚାଳନା ଦକ୍ଷତାକୁ ଆହୁରି ବୃଦ୍ଧି କରିବା ଏବଂ ଗ୍ରାହକ-କେନ୍ଦ୍ରିକ ପଣ୍ୟ ପରିବହନ ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି।



# ୧୩ତମ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘର ୧୩ତମ ସଂସ୍କରଣ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ରାଷ୍ଟ୍ରଦୂତ ତଥା ନୂଆଦିଲ୍ଲୀ ମନୋହର ପାରିକର ପ୍ରତିରକ୍ଷା ଅଧ୍ୟୟନ ଏବଂ ଆନାଲିସିସ୍ ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ସୁଜନ ଚିନୟ ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ ଓ ଦଳଗତ ଭାବେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦାହରଣ ଦେଇ ସେ କହିଲେ, ଭୁବନେଶ୍ୱରକୁ ଏକ ବିଶାଳ ଶିକ୍ଷା ହବ୍‌ରେ ପରିଣତ କରିବା ଦିଗରେ ଅଚ୍ୟୁତ ସାମନ୍ତଙ୍କ ଯୋଗଦାନ ପ୍ରଶଂସନୀୟ। ଅଚ୍ୟୁତଙ୍କ ଜୀବନରେ ସରଳତା, ଉଚ୍ଚ ମୂଲ୍ୟବୋଧ, ଦର୍ଶନ, କଠିନ ପରିଶ୍ରମ, ଦଳଗତ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ସେ କହିଥିଲେ। ଗୋଟିଏ ରଥ ଯେପରି ଗୋଟିଏ ଚକରେ ଚାଲିପାରିବ ନାହିଁ, ସେହିପରି ରଥ ଚାଲିବା ପାଇଁ ଚାରୋଟି ଚକ ଆବଶ୍ୟକ। ସେହିପରି ତୁମେ ସମସ୍ତେ ଯେକୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଏକାଠି ହେବା ଉଚିତ। ଛାତ୍ରଛାତ୍ରୀମାନେ ଯାହା ସବୁ କାମ କରିବେ ତା ଉପରେ ଦେଶର ପ୍ରଗତି ନିର୍ଭର କରିବ। ଦେଶର ପରିବର୍ତ୍ତନ ଆଣିବାକୁ ହେଲେ ଏହାର ସକାରାତ୍ମକ ଏବଂ ନକାରାତ୍ମକ ଉଭୟ ଦିଗକୁ ଧୈର୍ଯ୍ୟର ସହ ବିଚାର କରିବାକୁ ହେବ। ଜାତିସଂଘ ଉପରେ ସୂଚନା ଦେଇ ସୁଜନ କହିଲେ, ଜାତିସଂଘ ପ୍ରତିଷ୍ଠା ହେବାପରେ ଏହାର ସୁରକ୍ଷା ପରିଷଦକୁ ବିସ୍ତାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଏଥିରେ ଆହୁରି ଅନେକ ସଂସ୍କାର ଆଣିବାର ଅବଶ୍ୟକତା ଅଛି। ଛାତ୍ରଛାତ୍ରୀମାନେ ଆଜି ଯେଉଁ ଶିକ୍ଷା ଅର୍ଜନ କରନ୍ତି ତାହା ସେମାନଙ୍କୁ ଅଧିକ ବିନମ୍ର ତଥା ସମାଜରେ ଯୋଗଦାନ ଦେବା ପାଇଁ ସକ୍ଷମ କରାଇଥାଏ। ସେ କହିଲେ, ଗଣତାନ୍ତ୍ରିକ ଶକ୍ତି, ଇ-ଜ୍ଞାନ ସମ୍ଭାବନା, ବର୍ଦ୍ଧିତ ସାମରିକ କ୍ଷମତା, ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ବିଶ୍ୱ କ୍ଷେତ୍ରରେ ଭାରତର ଭୂମିକା ସାଂପ୍ରତିକ ବର୍ଷଗୁଡ଼ିକରେ ମଜବୁତ ହୋଇଛି। ଆମେ ଜଳବାୟୁ ପରିବର୍ତ୍ତନ, ସବୁଜ ପରିବର୍ତ୍ତନ, ଖାଦ୍ୟ ଏବଂ ଶକ୍ତି ସୁରକ୍ଷା ସମେତ ପ୍ରମୁଖ ଚ୍ୟାଲେଞ୍ଜର ମୁକାବିଲା ପାଇଁ ବିଶ୍ୱ ସମୂହ ସହ ଏକାଠି କାମ କରିବାକୁ ଭାରତ ସର୍ବଦା ପ୍ରସ୍ତୁତ ରହିଛି ବୋଲି ସେ କହିଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ କହିଲେ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରଛାତ୍ରୀମାନେ ଶିକ୍ଷା ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଆସୁଛନ୍ତି। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ତୁମେମାନେ ନିଜ ପ୍ରତି ଭଲ ହେବାକୁ ଚେଷ୍ଟା କର ଓ ସମାଜ ପ୍ରତି ଭଲ ହେବାକୁ ଚେଷ୍ଟା କର। ତୁମେ ଯେତେ ବଡ଼ ହେଲେ ମଧ୍ୟ ନିଜେ ଭଲ ହେଲେ ଦେଶକୁ ସକାରାତ୍ମକ ଭାବରେ ପରିବର୍ତ୍ତନ କରିପାରିବ। ଏଭଳି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଗୋଟିଏ ଲେଖାଏଁ ଚିନ୍ତାଧାରା ନେଇ ଆସିଥାନ୍ତି, ମାତ୍ର ଯିବା ସମୟରେ ଅନେକ ଚିନ୍ତାଧାରା ନିଜ ସହ ନେଇ ଫେରିଥାନ୍ତି ବୋଲି ସେ କହିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ୧୩ତମ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସମେତ ଭୁବନେଶ୍ୱର, ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା ଆଦି ଭାରତର ବିଭିନ୍ନ ସ୍ଥାନର ୧ଶହ ବିଦ୍ୟାଳୟରୁ ୧୫ଶହ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି। ଏହି ଛାୟା ଜାତିସଂଘ କାର୍ଯ୍ୟକ୍ରମରେ ୧୩ଟି ବିଭିନ୍ନ କମିଟି ଗଠନ କରାଯାଇ ପ୍ରତିନିଧିମାନେ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ଏବଂ ବିତର୍କରେ ସାମିଲ ହେବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗ୍ରାହକଙ୍କ ପାଇଁ ...

ବଡ଼ ବ୍ୟବସାୟ ଉପରେ ମର୍ଚ୍ଚାଣ୍ଟ ସେବା ଶୁଳ୍କ ଲାଗୁ ହେଲେ ମଧ୍ୟ, ୟୁପିଆଇ ବ୍ୟବହାର କରିବା ପାଇଁ ଗ୍ରାହକମାନଙ୍କୁ ଦେୟ ନିଆଯିବ ନାହିଁ।

## ବଙ୍ଗୋପସାଗରରେ...

ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁରକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତସିଂହପୁର, କଟକ, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ନୟାଗଡ଼, ନୂଆପଡା ଓ ବଲାଙ୍ଗୀରକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଘଡଘଡି ସହ ବର୍ଷା ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼କୁ ୱାର୍ଣ୍ଣିଂ ଜାରି କରାଯାଇଛି। ଆଗାମୀ ଦୁଇ ଦିନ ଉପକୂଳ ଅଶାନ୍ତ ରହିବ। ଏହି ସମୟରେ ୪୦ ରୁ ୫୦ କିମି ବେଗରେ ପବନ ବହିବା ସହ ଏହି ସମୟରେ ସମୁଦ୍ରକୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯାଇଛି।

## ୧୦୦% ଶୁଳ୍କ...

ପାରିତ ହେବାର ଅର୍ଥ ନୁହେଁ ଯେ ଭାରତ ଉପରେ ୧୦୦ ପ୍ରତିଶତ ଶୁଳ୍କ ତୁରନ୍ତ କାର୍ଯ୍ୟକାରୀ ହୋଇଛି। ଏହି ବିଲ୍‌କୁ ବର୍ତ୍ତମାନ ଆମେରିକାର ପ୍ରତିନିଧି ସଭାର ଅନୁମୋଦନ ଆବଶ୍ୟକ ହେବ, ଯାହା ପରେ ରାଷ୍ଟ୍ରପତିଙ୍କ ଦସ୍ତଖତ ହେବ। ୟୁକ୍ରେନ ଯୁଦ୍ଧ ପରେ ରୁଷୀୟ ଶକ୍ତି ଉପରେ ପାଶ୍ଚାତ୍ୟ ପ୍ରତିବନ୍ଧକ ମଧ୍ୟରେ ଭାରତ ଶସ୍ତା ରୁଷୀୟ ଅଶୋଧିତ ତୈଳ କ୍ରୟକୁ ତ୍ୱରାନ୍ୱିତ କରିଛି। ଏହା ଭାରତୀୟ ବିଶୋଧନାଗାରଗୁଡ଼ିକୁ ଅପେକ୍ଷାକୃତ କମ୍ ମୂଲ୍ୟରେ ଅଶୋଧିତ ତୈଳ ଉପଲବ୍ଧ କରାଇଲା ଏବଂ ଦେଶର ଶକ୍ତି ଯୋଗାଣ ପରିଚାଳନା କରିବାରେ ସହାୟକ ହେଲା। କିନ୍ତୁ ଏହା ବର୍ତ୍ତମାନ ଭାରତକୁ ସମ୍ଭାବ୍ୟ ଆମେରିକୀୟ ପ୍ରତିବନ୍ଧକ ଅଧୀନରେ ପକାଇପାରେ। ପ୍ରସ୍ତାବିତ ଆଇନ ଅନୁଯାୟୀ, ଯଦି ରାଷ୍ଟ୍ରପତି ଏହାକୁ ବ୍ୟବହାର କରନ୍ତି, ତେବେ ଋଷରୁ ପ୍ରମୁଖ ଶକ୍ତି କ୍ରୟକାରୀ ଦେଶରୁ ଯୁକ୍ତରାଷ୍ଟ୍ର ଆମେରିକାକୁ ଆସୁଥିବା ସାମଗ୍ରୀ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲାଗୁ କରାଯାଇପାରେ।

## ଆଜିଠୁ ଘରେ...

ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଅଗଷ୍ଟ ୯ ତାରିଖରେ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ସହଯୋଗରେ ରାଜ୍ୟ ସ୍ତରୀୟ 'ତ୍ରିରଙ୍ଗା ରାଲି' ଆୟୋଜିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ହାତୀଆସୁଣୀ ଗ୍ରାଉଣ୍ଡ ଠାରୁ ଲୁମ୍ବିନୀ ବିହାର ରୋଡ୍ ପର୍ଯ୍ୟନ୍ତ ତ୍ରିରଙ୍ଗା ରାଲି ଆୟୋଜିତ ହେବ। ତ୍ରିରଙ୍ଗା ରାଲିରେ ସମସ୍ତ ସରକାରୀ ଅଧିକାରୀ, ଯୁବ ବର୍ଗ, ସ୍ୱେଚ୍ଛାସେବୀ ସଂଗଠନ, କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ, ଏନସିସି ଓ ଏନଏସଏସ ସ୍ୱେଚ୍ଛାସେବୀଙ୍କ ସମେତ ଓଡ଼ିଶାର ସମସ୍ତ ଜନସାଧାରଣ ଯୋଗଦେବେ। ସେହିପରି ଭାବେ ଜିଲ୍ଲା ସ୍ତରରେ ମଧ୍ୟ ତ୍ରିରଙ୍ଗା ରାଲିର ଆୟୋଜନ କରାଯିବ। ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ ସରକାରଙ୍କ 'ମିଶନ ଶକ୍ତି' ବିଭାଗ ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୬୦ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ କରାଯାଇ ସମସ୍ତ ଜିଲ୍ଲାମାନଙ୍କୁ ବଣ୍ଟନ କରାଯିବ। ଅଗଷ୍ଟ ୮ ତାରିଖ ମଧ୍ୟାହ୍ନ ସୁଦ୍ଧା ପ୍ରାୟ ୪୫ ଲକ୍ଷ ୪୦ ହଜାର ପତାକା ପ୍ରସ୍ତୁତ ହୋଇସାରିଛି। ପତାକା ତିଆରି ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧୫ କୋଟି ଟଙ୍କା ଆର୍ଥିକ ରାଶି ମିଶନ ଶକ୍ତି ବିଭାଗକୁ ପ୍ରଦାନ କରାଯାଇଛି। ଓଡ଼ିଶାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପତାକା ଓଡ଼ିଶାର ଘରେ ଘରେ ପହଞ୍ଚିବ, ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଅଗଷ୍ଟ ୧୪ ତାରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯିବ। ସମସ୍ତ ଜିଲ୍ଲାରେ ମଧ୍ୟ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯିବ। ରାଜ୍ୟ ସ୍ତରୀୟ ବିଭାଜନ ବିଭୀଷିକା ସ୍ମୃତି ଦିବସ କାର୍ଯ୍ୟକ୍ରମରେ ଫଟୋଚିତ୍ର ପ୍ରଦର୍ଶନୀ, କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ହେବା ସହ ନାଟକ ପରିବେଷଣ କରାଯିବ। ବିଭାଜନ ସମୟରେ ପ୍ରଭାବିତ ପରିବାର ବର୍ଗଙ୍କୁ ନିମନ୍ତ୍ରଣ କରାଯାଇ ସେମାନଙ୍କର ଅନୁଭୂତି ଶୁଣିବା ସହ ସେମାନଙ୍କୁ ସମ୍ମାନିତ କରାଯିବ। ସଭାକାର୍ଯ୍ୟ ଶେଷରେ ଉପସ୍ଥିତ ସମସ୍ତ ଅତିଥି ଓ ଜନସାଧାରଣଙ୍କୁ ନେଇ ନୀରବ କ୍ୟାଣ୍ଡେଲ ଶୋଭାଯାତ୍ରାର ଆୟୋଜନ କରାଯିବ। ଅଗଷ୍ଟ ୧୫ ତାରିଖରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ 'ଭାରତୀୟମ୍'ର ଆୟୋଜନ କରାଯିବ। ଏଥିସହ 'ବନ୍ଦେ ମାତରମ୍'ର ୧୫୦ ତମ ବର୍ଷ ପୂର୍ତ୍ତି ଅବସରରେ କନସର୍ଟର ଆୟୋଜନ କରାଯିବ। ବାଲୁକା କଳା, ବିଶାଳ ରଙ୍ଗୋଲି ପ୍ରଦର୍ଶନୀ ସହ 'ସେଲ୍ଫି ୱିଥ୍ ତ୍ରିରଙ୍ଗା' ବୁଥ୍ ସ୍ଥାପନ କରାଯିବ। ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ ଜନସାଧାରଣ ତ୍ରିରଙ୍ଗା ସହ ନିଜର ସେଲ୍ଫି ଉଠାଇ ନିଜର ଫଟୋକୁ ହରଘର ତ୍ରିରଙ୍ଗା ଡ଼ଟ କମ୍ ୱେବ୍‌ସାଇଟରେ ଅପଲୋଡ୍ କରି ନିଜର ଡିଜିଟାଲ ସାର୍ଟିଫିକେଟ ଡ଼ାଉନଲୋଡ୍ କରିପାରିବେ।ଏଥିସହ 'ମାଇଁ ଜିଓଭି' ପୋର୍ଟାଲରେ ମଧ୍ୟ ଅନଲାଇନ୍ କୁଇଜ ପ୍ରତିଯୋଗିତାର ଆୟୋଜନ କରାଯିବ। ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଘରେ ଘରେ ତ୍ରିରଙ୍ଗା ଅଭିଯାନରେ ସାମିଲ ହେବା ସହ ଅନଲାଇନ କୁଇଜ୍ ରେ ଅଂଶଗ୍ରହଣ କରିବେ। ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ କେବଳ ସରକାରୀ ସ୍ତରରେ ସୀମିତ ନୁହେଁ, ବରଂ ଦେଶ ମାତୃକାର ବନ୍ଦନାରେ ଆମେ ସମସ୍ତେ ସାମିଲ ହେବା ପାଇଁ ଏକ ସୁବର୍ଣ୍ଣ ଅବସର। ତେଣୁ ସମସ୍ତ ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଏନଜିଓ ଏବଂ ସର୍ବୋପରି ଓଡ଼ିଶାର ସମସ୍ତ ଜନସାଧାରଣ ଘରେ ଘରେ ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇ ଏହାକୁ ସଫଳ କରିବା ପାଇଁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଡ଼. ଦେବଯାନୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ୧୨ରେ ସୂର୍ଯ୍ୟପରାଗ...

ଅନୁସାରେ ଆସନ୍ତା ବୁଧବାର ରାତି ୧୧ଟା ୨୦ ମିନିଟରୁ ସୂର୍ଯ୍ୟପରାଗ ଆରମ୍ଭ ହେବ। ଏହା ବିଦେଶରେ ଅନୁଭୂତ ହେବ। ଉତ୍ତର ଆମେରିକା, ଦକ୍ଷିଣ ଆମେରିକା ଓ ୟୁରୋପ ରାଷ୍ଟ୍ରରେ ଏହି ବିରଳ ଜାଗତିକ ଦୃଶ୍ୟ ଦେଖାଯିବ। ତେବେ ଚଳିତ ମାସ ପୂର୍ଣ୍ଣମୀରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଦେଶ ପ୍ରଭାବିତ ହେବ ବୋଲି ପ୍ରତିକ୍ରିୟା ରଖିଛନ୍ତି ଜ୍ୟୋତିର୍ବିଦ।

## ଦ୍ରୁତ ଗତିରେ...

ସମୀକରଣ ଏବଂ ଶକ୍ତିର ବିଶ୍ୱ ସନ୍ତୁଳନ ଦ୍ରୁତ ଗତିରେ ବଦଳୁଛି। ଏହା ପଛରେ ସବୁଠାରୁ ବଡ଼ ଶକ୍ତି ହେଉଛି ଟେକ୍ନୋଲୋଜିର ଗତି। ଆଗାମୀ ୨୦-୩୦ ବର୍ଷରେ ବିଶ୍ୱ କିପରି ଦେଖାଯିବ ତାହା କେହି ନିଶ୍ଚିତ ଭାବରେ କହିପାରିବେ ନାହିଁ, କିନ୍ତୁ ପରିବର୍ତ୍ତନର ପ୍ରତ୍ୟେକ ପର୍ଯ୍ୟାୟ ସହିତ ଆହ୍ୱାନ ଏବଂ ନୂତନ ସୁଯୋଗ ଆସିଥାଏ। 'ବିଶ୍ୱ ବଦଳିବ, ପ୍ରଯୁକ୍ତିବିଦ୍ୟା ବଦଳିବ, ଶିଳ୍ପ ବଦଳିବ, ବୃତ୍ତି ବଦଳିବ, କିନ୍ତୁ ଏସବୁ ମଧ୍ୟରେ ମୋର ଶବ୍ଦ ମନେ ରଖନ୍ତୁ-ଯିଏ ଶିଖିବ, ସେ ଜିତିବ', ସେ କହିଥିଲେ। ସେ କହିଥିଲେ ଯେ ଯେଉଁ ବ୍ୟକ୍ତି ନୂତନ ଆହ୍ୱାନର ନୂତନ ସମାଧାନ ଖୋଜିବାର ସାହସ ରଖନ୍ତି, ତାଙ୍କ ପାଇଁ ଆହ୍ୱାନ ସୁଯୋଗରେ ପରିଣତ ହେବ। ଏହା ହେଉଛି ସେହି ମାନସିକତା ଯାହା ଆଇଆଇଟି ଦିଲ୍ଲୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେଇଛି। ଏହି ସମାରୋହରେ ୫୮୭ ରୁ ଅଧିକ ପିଏଚଡି ବିଦ୍ୱାନଙ୍କୁ ୩,୦୦୦ ସ୍ନାତକମାନଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କ ସ୍ୱର୍ଣ୍ଣ ପଦକ, ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣ ପଦକ, ଶଙ୍କର ଦୟାଲ ଶର୍ମା ସ୍ୱର୍ଣ୍ଣ ପଦକ ଏବଂ ପୂର୍ଣ୍ଣ ଦଶଟି ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ସେ ଆଇଆଇଟି ଦିଲ୍ଲୀର ସୋନିପତ କ୍ୟାମ୍ପସରେ ସ୍ଥାପିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଧାରିତ ଉଚ୍ଚ-କାର୍ଯ୍ୟଦକ୍ଷତା ସୁପର କମ୍ପ୍ୟୁଟିଂ ସୁବିଧା 'ପରମ ପ୍ରଜ୍ଞା 'କୁ ମଧ୍ୟ ଉଦଘାଟନ କରିଥିଲେ। ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଥିବାରୁ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ଯେପରି ସେମାନଙ୍କ ପରିବାର ସେମାନଙ୍କ ପିଲାମାନଙ୍କ ପାଇଁ ଗର୍ବିତ, ସେହିପରି ସେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସମାନ ଭାବେ ଗର୍ବିତ। ଛାତ୍ରଛାତ୍ରୀମାନେ କେବଳ ଡିଗ୍ରୀ ନେଇ ଛାଡୁନାହାନ୍ତି, ବରଂ ଦେଶ ପାଇଁ କିଛି କରିବାର ସ୍ୱପ୍ନ ନେଇ ଯାଉଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ପ୍ରତ୍ୟେକ ଛାତ୍ରଙ୍କ ମନରେ ଭବିଷ୍ୟତର ଏକ ଭିନ୍ନ ଚିତ୍ର ରହିବ। କେହି ନିଜର ପ୍ରଥମ ଚାକିରି ଏବଂ ପ୍ରଥମ ଦରମା ପାଇଁ ଅପେକ୍ଷା କରୁଛନ୍ତି, କେହି ନୂଆ ସହରରେ ନୂଆ ଆରମ୍ଭ ପାଇଁ ପ୍ରସ୍ତୁତି କରୁଛନ୍ତି, କେହି ନିଜର ଷ୍ଟାର୍ଟଅପ୍ ଆରମ୍ଭ କରିବାର ସ୍ୱପ୍ନ ଦେଖୁଛନ୍ତି, କେହି ପରବର୍ତ୍ତୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଲକ୍ଷ୍ୟ ସ୍ଥିର କରିଛନ୍ତି। ସେ କହିଥିଲେ ଯେ ପଥ ଏବଂ ସ୍ୱପ୍ନ ଭିନ୍ନ ଭିନ୍ନ ହୋଇପାରେ, କିନ୍ତୁ ଆଇ. ଆଇ. ଟି. ଦିଲ୍ଲୀରେ ନାମଲେଖା ଠାରୁ ଆରମ୍ଭ କରି ସମାବର୍ତ୍ତନ ପର୍ଯ୍ୟନ୍ତ ଯାତ୍ରା ସମସ୍ତଙ୍କ ପାଇଁ ସ୍ମରଣୀୟ।

## ହିମାଚଳ ପ୍ରଦେଶରେ...

ଏବଂ ପାଣିପାଗ ବିଭାଗ ଅଗଷ୍ଟ ୧୪ ପର୍ଯ୍ୟନ୍ତ ରାଜ୍ୟର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରିଛି। ଖରାପ ପାଗ ମଧ୍ୟରେ ଅନାବଶ୍ୟକ ଯାତ୍ରା ନକରିବାକୁ ଏବଂ ଭୂସ୍ଖଳନ ପ୍ରବଣ ଅଞ୍ଚଳରୁ ଦୂରରେ ରହିବାକୁ ପ୍ରଶାସନ ଦ୍ୱାରା ଲୋକଙ୍କୁ ପରାମର୍ଶ ଦିଆଯାଉଛି।

## ପ୍ରଧାନମନ୍ତ୍ରୀଙ୍କ...

ଥାନା ଅନ୍ତର୍ଗତ ବୈରାଗଡ଼ ନିକଟସ୍ଥ ଚାଲୁଞ୍ଜୀ ମୋଡ଼ରେ ଏହି ଦୁର୍ଘଟଣା ଘଟିଛି। ଆହତମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ପଣ୍ଡିତ ଜବାହରଲାଲ ନେହେରୁ ସରକାରୀ ମେଡିକାଲ କଲେଜ ଏବଂ ଚାମ୍ପା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ୬୬,୩୯୨ କୋଟିର...

ଟେକ୍ସଟାଇଲ୍ ଏବଂ ପୋଷାକ ସମ୍ପର୍କିତ ରାଉଣ୍ଡ ଟେବୁଲରେ ବୟନଶିଳ୍ପ ଓ ପୋଷାକ ଉତ୍ପାଦନ, ରପ୍ତାନୀ ସୁଯୋଗ, ଦକ୍ଷ କର୍ମଚାରୀ ଏବଂ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ନାଲ୍‌କୋର ସହଯୋଗରେ ଆୟୋଜିତ ଆଲୁମିନିୟମ୍ ଆନୁଷଙ୍ଗିକ ଏବଂ ଡାଉନଷ୍ଟ୍ରିମ୍ ରାଉଣ୍ଡ ଟେବୁଲରେ ଓଡ଼ିଶାରେ ଆଲୁମିନିୟମ୍ ମୂଲ୍ୟ ସଂଯୋଜନା, ଡାଉନଷ୍ଟ୍ରିମ୍ ଉତ୍ପାଦନ, ଆନୁଷଙ୍ଗିକ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇର ଅଂଶଗ୍ରହଣକୁ ପ୍ରସାର କରିବା ପାଇଁ ଥିବା ସୁଯୋଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏହି ଦୁଇ ଦିନିଆ ଅଭିଯାନର ଫଳସ୍ୱରୂପ ଏକାଧିକ କ୍ଷେତ୍ରରେ ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ମୋଟ ପୁଞ୍ଜିନିବେଶ ପ୍ରସ୍ତାବ ୬୬,୩୯୨ କୋଟି ଟଙ୍କା ଥିବାବେଳେ, ୫୪,୧୩୫ଟି ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହି ଅବସରରେ ମୋଟ ୩୮ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ, ଏହାଦ୍ୱାରା ୬୪,୭୦୩ କୋଟି ଟଙ୍କାର ନିବେଶ ସୁଯୋଗ ଆସିଛି ଏବଂ ୪୬,୦୭୧ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହା ସହିତ ୧,୬୮୯ କୋଟି ଟଙ୍କାର ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ମଧ୍ୟ ମିଳିଥିଲା, ଯାହାଦ୍ୱାରା ୮,୦୬୪ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ଏହି ଫଳାଫଳଗୁଡ଼ିକ ଓଡ଼ିଶା ପ୍ରତି ଶିଳ୍ପଜଗତର ବଢୁଥିବା ଭରସାକୁ ପ୍ରତିଫଳିତ କରୁଛି। ରାଜ୍ୟରେ ଏକ ଶକ୍ତିଶାଳୀ ଶିଳ୍ପ ପରିବେଶ ସୃଷ୍ଟି କରିବା ଦିଗରେ ରାଜ୍ୟ ସରକାରଙ୍କ ଏହି ଉଦ୍ୟମ ବ୍ୟାପକ ସଫଳତା ହାସଲ କରିଛି ।ଏହି ଅଭିଯାନକୁ ସମାପ୍ତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, "ପୂର୍ବୋଦୟ ପାଇଁ ଓଡ଼ିଶା ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ଦୁଇ ଦିନ ମଧ୍ୟରେ ଶିଳ୍ପଜଗତଠାରୁ ମିଳିଥିବା ପ୍ରତିଶ୍ରୁତି ଅତ୍ୟନ୍ତ ଉତ୍ସାହଜନକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଏବଂ ଡବଲ୍ ଇଞ୍ଜିନ ସରକାରଙ୍କ ନେତୃତ୍ୱରେ ଆମେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ଏକ ନୂଆ ଶିଖରକୁ ନେଇଯିବା ପାଇଁ ପ୍ରତିଶ୍ରୁତିବଦ୍ଧ।" ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, "ଦିଲ୍ଲୀ-ଏନ୍‌ସିଆରରେ ଶିଳ୍ପଗୁଡ଼ିକରୁ ମିଳିଥିବା ପ୍ରତିକ୍ରିୟା ଓଡ଼ିଶାର ନିବେଶ ବାତାବରଣ ପ୍ରତି ବର୍ଦ୍ଧିତ ଆତ୍ମବିଶ୍ୱାସକୁ ପ୍ରତିଫଳିତ କରୁଛି। ଆମର ପ୍ରାଥମିକତା ହେଉଛି ନିବେଶକମାନଙ୍କୁ ସୁବିଧା ପ୍ରଦାନ କରିବା, କ୍ଷେତ୍ର-ନିର୍ଦ୍ଦିଷ୍ଟ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା। ଏହି ଆଲୋଚନା ମାଧ୍ୟମରେ ସୃଷ୍ଟି ହୋଇଥିବା ନିବେଶ ଆଗ୍ରହକୁ ଯେପରି ଜମିରେ ପ୍ରକଳ୍ପରେ ପରିଣତ କରାଯାଇପାରିବ ଏବଂ ରାଜ୍ୟର ଦୀର୍ଘକାଳୀନ ଶିଳ୍ପ ଅଭିବୃଦ୍ଧିରେ ଅବଦାନ ରଖିପାରିବ, ସେଥିପାଇଁ ଆମେ କାର୍ଯ୍ୟ କରୁଛୁ।" ଦିଲ୍ଲୀ-ଏନ୍‌ସିଆର ରେ ଦୁଇ ଦିନିଆ ସଫଳ କାର୍ଯ୍ୟକ୍ରମ ଓଡ଼ିଶାର କ୍ରମବର୍ଦ୍ଧିଷ୍ଣୁ ଶିଳ୍ପାୟନ ପ୍ରକ୍ରିୟାକୁ ଆହୁରି ମଜଭୂତ କରିଛି । ଏଥିରେ 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬' ରୋଡ୍ ସୋ ବ୍ୟତୀତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ୪୬ଟି ଉଚ୍ଚସ୍ତରୀୟ ବୈଠକ ଏବଂ ମୋଟ ୨୦୮ଟି ଶିଳ୍ପ ଆଲୋଚନା ଅନ୍ତର୍ଭୁକ୍ତ ରହିଛି।

## କିଟ୍‌ରେ ଜାତୀୟ ମାନବ ସମ୍ବଳ ସମ୍ମିଳନୀ


# ମଣିଷ ଓ ଏଆଇ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ: ସଞ୍ଜୀବ ଅଗ୍ରୱାଲ




ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଭବିଷ୍ୟତର କାର୍ଯ୍ୟକ୍ଷେତ୍ର ମଣିଷ ଓ ପ୍ରଯୁକ୍ତି ମଧ୍ୟରେ ସହଯୋଗ ଉପରେ ନିର୍ଭରଶୀଳ। ଏହା 'ମଣିଷ ବନାମ ଏଆଇ' ନୁହେଁ, ବରଂ 'ମଣିଷ ଓ ଏଆଇ'ର ସମନ୍ୱୟ ବୋଲି କହିଛନ୍ତି ମଧ୍ୟପ୍ରାଚ୍ୟ ଓ ଭାରତ ପାଇଁ ପ୍ରୋଟିଭିଟି ମେମ୍ବର ଫାର୍ମର ସିଇଓ ସଞ୍ଜୀବ ଅଗ୍ରୱାଲ। କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଆୟୋଜିତ ୧୭ତମ ଜାତୀୟ ମାନବ ସମ୍ବଳ ସମ୍ମିଳନୀରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସେ ଏହା କହିଛନ୍ତି। 'ଦି ଇକ୍ୱାଲାଇଜିଂ ଇଫେକ୍ଟ ଅଫ୍ ଜେନେରେଟିଭ୍ ଏଆଇ: ବ୍ରିଜିଂ ଦି ସ୍କିଲ୍ସ ଗ୍ୟାପ୍' ବିଷୟବସ୍ତୁ ଉପରେ ଆୟୋଜିତ ଏହି ସମ୍ମିଳନୀରେ ବକ୍ତବ୍ୟ ପ୍ରଦାନ କରି ଶ୍ରୀ ଅଗ୍ରୱାଲ କହିଲେ, ଜେନେରେଟିଭ୍ ଏଆଇ ମାନବ ସମ୍ବଳ ନିଯୁକ୍ତି, କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ପରିଚାଳନା ଏବଂ କର୍ମଶକ୍ତିର ବିକାଶ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣୁଛି । ଏଆଇ ଜ୍ଞାନ ଓ ଶିକ୍ଷଣ ସମ୍ବନ୍ଧୀୟ ସାଧନଗୁଡ଼ିକର ସୁଯୋଗକୁ ଗଣତାନ୍ତ୍ରିକ କରିବାର ସାମର୍ଥ୍ୟ ରଖିଛି। ଫଳରେ ସମାଜର ବିଭିନ୍ନ ବର୍ଗ ମଧ୍ୟରେ ଥିବା ଦକ୍ଷତାର ଅଭାବକୁ ଦୂର କରିବାରେ ଏହା ସହାୟକ ହୋଇପାରିବ। ସଂଗଠନଗୁଡ଼ିକ ଦିନକୁ ଦିନ ଅଧିକ ପ୍ରଯୁକ୍ତିନିର୍ଭର ହେଉଥିବାରୁ ମାନବ ସମ୍ବଳ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣରେ ପହଞ୍ଚିଛି ବୋଲି ସେ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସମ୍ମିଳନୀର ଔପଚାରିକ ଉଦ୍‌ଘାଟନ କରି ଏଆଇକୁ ଦାୟିତ୍ୱପୂର୍ଣ୍ଣ ଏବଂ ମାନବକୈନ୍ଦ୍ରିକ ଢଙ୍ଗରେ ବ୍ୟବହାର କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଦକ୍ଷତାର ଅଭାବ ଦୂର କରିବାରେ ଏଆଇର ଭୂମିକାକୁ ସ୍ୱୀକାର କରିବା ସହ ସେ ଏହାର ବ୍ୟବହାରରେ ସମାବେଶୀକରଣ ଏବଂ ନୈତିକ ନିଷ୍ପତ୍ତି ଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ପ୍ରଫେସର କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇ ଏଚ୍‌ଆର କ୍ଷେତ୍ରରେ ଏଆଇ ଭିତ୍ତିକ ପରିବର୍ତ୍ତନର ବଢୁଥିବା ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ଦ୍ରୁତ ଗତିରେ ପରିବର୍ତ୍ତନଶୀଳ ବୃତ୍ତିଗତ ପରିବେଶରେ ନିରନ୍ତର ଦକ୍ଷତା ବୃଦ୍ଧି ଏବଂ ନୂତନ ଦକ୍ଷତା ହାସଲ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ କ୍ଷେତ୍ର ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ବକ୍ତା ସଞ୍ଜୀବ ଅଗ୍ରୱାଲଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ସମ୍ମିଳନୀ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କ ନାମ ଘୋଷଣା କରାଯାଇଥିଲା। ସମ୍ମିଳନୀରେ 'ଏଆଇ ସମସ୍ତଙ୍କ ପାଇଁ ନା କେବଳ କିଛି ଲୋକଙ୍କ ପାଇଁ ଦକ୍ଷତା ସମାନୀକରଣର ବାସ୍ତବତା' ଶୀର୍ଷକରେ ଦୁଇଟି ସମାନ୍ତରାଳ ପ୍ୟାନେଲ୍ ଆଲୋଚନା ଆୟୋଜିତ ହୋଇଥିଲା। ଏଥିରେ ଏଆଇ ପ୍ରକୃତରେ ସୁଯୋଗରେ ଥିବା ଅସମାନତାକୁ ଦୂର କରୁଛି କି ନୂଆ ବିଭେଦ ସୃଷ୍ଟି କରୁଛି, ସେନେଇ ବିଶେଷଜ୍ଞମାନେ ମତ ବିନିମୟ କରିଥିଲେ। ଡିଜିଟାଲ୍ ସୁବିଧାରେ ସମାନ ପ୍ରବେଶ, ଆଲଗୋରିଦମ୍‌ରେ ଥିବା ପକ୍ଷପାତ ଏବଂ ସମାବେଶୀ ଶିକ୍ଷଣ ପରିବେଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

# ଲକ୍ଷ ଲକ୍ଷ ଭାରତୀୟଙ୍କୁ ଦେଶ ନିର୍ମାଣ ପଥରେ ପ୍ରେରଣା ଦେଉଛି ବାଉଜୀଙ୍କ ଚିନ୍ତାଧାରା ଏବଂ ଆଦର୍ଶ : ନବୀନ ଜିନ୍ଦଲ

**ଯୋଡା, ନ୍ୟୁଜ ବ୍ୟୁରୋ**
ଜିନ୍ଦଲ ଷ୍ଟିଲର ପ୍ରତିଷ୍ଠାତା ଶ୍ରୀ ଓ.ପି ଜିନ୍ଦଲ (ବାଉଜୀ)ଙ୍କ ୯୬ତମ ଜୟନ୍ତୀ ଅଗଷ୍ଟ ୭ ତାରିଖରେ ଜିନ୍ଦଲ ଷ୍ଟିଲର ବଡବିଲ ପେଲେଟ୍ ପ୍ଲାଣ୍ଟ, ଟେନସା, କାସିଆ ଏବଂ ରୋଇଡା କ (ବିକେଟିଆର) ଖଣି ଅଞ୍ଚଳରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିନ୍ଦଲ ପରିବାର ପକ୍ଷରୁ ବାଉଜୀ ଓ.ପି ଜିନ୍ଦଲଙ୍କୁ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ, ବିଭିନ୍ନ ୟୁନିଟରେ ଆଧାତ୍ମିକ, ସାଂସ୍କୃତିକ, କ୍ରୀଡା ଏବଂ ସମାଜସେବା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ବଡବିଲ ପେଲେଟ ପ୍ଲାଣ୍ଟ ସ୍ଥିତ ଦେବେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଓ. ପି. ଜିନ୍ଦଲଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରଯାଇଥିଲା। କାର୍ଯ୍ୟକ୍ରମରେ ୟୁନିଟ୍ ହେଡ୍ ସତୀଶ ସିନ୍ଦୁରିଆ, ଭାଇସ୍ ପ୍ରେସିଡେଣ୍ଟ ଏସ୍.କେ ଶର୍ମା, ମାନବ ସମ୍ବଳ ମୁଖ୍ୟ ବିକାଶ ଘୋଷଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ସେମାନଙ୍କ ପରିବାରବର୍ଗ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଟାଉନସିପ୍ ପରିସରରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ବାଉଜୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜଣାଇ



ଜିନ୍ଦଲ ନଗର ଲେଡିଜ୍ କ୍ଲବ ପକ୍ଷରୁ କମ୍ୟୁନିଟି ହଲ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥି ସହିତ କାସିଆ ଆଇରନ ଖଣି ଟାଉନସିପ୍ ମନ୍ଦିର ପରିସରରେ ମଧ୍ୟ ପୂଜା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ବିକେଟିଆର ୟୁନିଟ୍‌ର କ୍ଲଷ୍ଟର ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ସାମିଲ ହୋଇଥିଲେ। ଟାଉନସିପ୍ ପରିସରରେ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଟେନ୍ସା ୟୁନିଟ୍ ପକ୍ଷରୁ ମଧ୍ୟ ଟାଉନ୍‌ସିପ୍ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ୟୁନିଟ୍ ହେଡ୍ ରାଜେଶ ପଟେଲଙ୍କ ସମେତ ୟୁନିଟର ବରିଷ୍ଠ ଅଧିକାରୀ ଏବଂ ସେମାନଙ୍କ ପରିବାରବର୍ଗ ସାମିଲ ହୋଇଥିଲେ। ଏହି ଅବସରରେ ସି.ଏସ୍.ଆର୍ ଟିମ୍ ପକ୍ଷରୁ ଡେଙ୍ଗୁଳା ସରକାରୀ ଝଏଡ ହାଇସ୍କୁଲର ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ କରାଯାଇଥିଲା। ୟୁନିଟ୍ ହେଡ୍‌ଙ୍କ ସମେତ ବରିଷ୍ଠ ଗ୍ରାମବାସୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବାଉଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ କୁରୁକ୍ଷେତ୍ର ସାଂସଦ ତଥା ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, "ସଫଳତା ପାରିପାର୍ଶ୍ୱିକ ପରିସ୍ଥିତି ଦ୍ୱାରା ନିର୍ଦ୍ଧାରିତ ହୁଏ ନାହିଁ, ବରଂ ସଂକଳ୍ପ, ସାହସ, ଏବଂ ନିଜର କର୍ମ ଦ୍ୱାରା ନିର୍ଦ୍ଧାରିତ ହୁଏ"। ବାଉଜୀ, ଆପଣଙ୍କ ଚିନ୍ତାଧାରା ଓ ମୂଲ୍ୟବୋଧ ଆଜି ମଧ୍ୟ ଆମକୁ ପଥପ୍ରଦର୍ଶନ କରୁଛି। ସେ ଆହୁରି କହିଛନ୍ତି ଯେ, "ପୂଜ୍ୟ ବାଉଜୀ ଶ୍ରୀ ଓମ୍ ପ୍ରକାଶ ଜିନ୍ଦଲଜୀଙ୍କ ୯୬ତମ ଜୟନ୍ତୀରେ ମୁଁ ତାଙ୍କୁ ହୃଦୟରୁ ଶ୍ରଦ୍ଧାଞ୍ଜଳି ଜଣାଉଛି। ତାଙ୍କର ଚିନ୍ତାଧାରା ଏବଂ ଆଦର୍ଶ ଜିନ୍ଦଲ ପରିବାର ସହ ଲକ୍ଷ ଲକ୍ଷ ଭାରତୀୟଙ୍କୁ ଦେଶ ନିର୍ମାଣ ପଥରେ ପ୍ରେରଣା ଦେଉଛି"। ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ସି.ଏସ୍.ଆର ମୁଖ୍ୟ ଶ୍ରୀ ଉର୍ଜିଲ ଲାକ୍ରାଙ୍କ ନେତୃତ୍ୱରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ବିଭିନ୍ନ କ୍ରୀଡା ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ବିଦ୍ୟାଳୟଗୁଡ଼ିକରେ ତର୍କ, କୁଇଜ୍, ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ବଡବିଲ ସୋୟାବାଲିସ୍ଥିତ ଜିନ୍ଦଲ ସ୍କୁଲରେ ମଧ୍ୟ ବାଉଜୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ର ଏବଂ ବଡବିଲ ୟୁନିଟ୍ ହେଡ୍ ସତୀଶ ସିନ୍ଦୁରିଆ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଉଶୁ ଚାମ୍ପିୟନମାନଙ୍କୁ ସମ୍ମାନିତ କରିଥିଲେ। ଏଥିସହ ଆଦିବାସୀ ବିକାଶ ସମିତିର ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ପୌଷ୍ଟିକ ଖାଦ୍ୟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ସ୍ଥାନୀୟ ଗ୍ରାମବାସୀ ବୃନ୍ଦ ଯୋଗ ଦେଇଥିଲେ।

CBC 09101/13/0016/2627

Ministry of Culture
Government of India



୧୫୦ ବର୍ଷ ଧରି ସମଗ୍ର ଭାରତକୁ ବନ୍ଦେ ମାତରମ୍ ରୁ ପ୍ରେରଣା ମିଳୁଛି। ଆସନ୍ତୁ, ଏହି ସ୍ୱାଧୀନତା ଦିବସରେ, ଆମେ ସେହି ଭାବନାରେ ପ୍ରେରିତ ହୋଇ ଉତ୍ତୋଳନ କରିବା।

# Har Ghar Tiranga

Dedicated to the Spirit of Vande Mataram

9 to 17 August 2026

“ଗତ କିଛି ବର୍ଷ ଧରି, ‘ହର ଘର ତିରଙ୍ଗା’ ଅଭିଯାନ ସମଗ୍ର ଦେଶକୁ ଏକ ଅଦ୍ଭୁତ ଆତ୍ମା ସହିତ ଏକତ୍ରିତ କରିଛି। ଏହି ବର୍ଷ ମଧ୍ୟ, ଆସନ୍ତୁ ଆମେ ‘ହର ଘର ତିରଙ୍ଗା’ ଅଭିଯାନକୁ ପୂର୍ଣ୍ଣ ଉତ୍ସାହ ସହିତ ଆଗକୁ ବଢ଼ାଇବା।”

- ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ



## ଆସନ୍ତୁ ଆମେ ଆମ ଦେଶର ସ୍ୱାଧୀନତାକୁ ରକ୍ଷା କରିବା ପାଇଁ ସର୍ବସ୍ୱ ବଳିଦାନ ଦେଇଥିବା ଅଗଣିତ ସାହସୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ଜଣାଇବା

### ଆପଣଙ୍କ ନିକଟରେ ହେଉଥିବା ‘ହର ଘର ତିରଙ୍ଗା’ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରନ୍ତୁ


- ତିରଙ୍ଗା ଯାତ୍ରା
- ତିରଙ୍ଗା ରାଲି
- ତିରଙ୍ଗା ଉତ୍ସବ
- ‘ବନ୍ଦେ ମାତରମ୍’ର ସମୂହ ଗାନ

## ଏହି ସ୍ୱାଧୀନତା ଦିବସରେ ‘ସୂର୍ଯ୍ୟପଥ ତିରଙ୍ଗା’ ଅନୁଭବ କରନ୍ତୁ

‘ହର ଘର ତିରଙ୍ଗା’ ଅନ୍ତର୍ଗତ ପ୍ରଥମ ବିଶ୍ୱ ତ୍ରିରଙ୍ଗା ଶୋଭାଯାତ୍ରା ସୂର୍ଯ୍ୟୋଦୟ ସମୟର ଆଭା ବିଶ୍ୱର ବିଭିନ୍ନ ଦେଶରେ ରହୁଥିବା ଭାରତୀୟମାନଙ୍କୁ ତ୍ରିରଙ୍ଗା ସହିତ ଏକତ୍ର କରିବ।



ଗର୍ବର ସହିତ ତ୍ରିରଙ୍ଗା ଉଡାନ୍ତୁ।



ବନ୍ଦେ ମାତରମ୍ ପ୍ରତି ସମ୍ମାନ ଦେଖାନ୍ତୁ ଏବଂ ତ୍ରିରଙ୍ଗା ସହିତ ଆପଣଙ୍କର ସେଲ୍ଫି harghartiranga.comରେ ଅପଲୋଡ୍ କରନ୍ତୁ।

ସେଲ୍ଫି ଅପଲୋଡ୍ କରିବାକୁ ସ୍କାନ୍ କରନ୍ତୁ: harghartiranga.com